# ରାଜ୍ୟରେ ସାର କଳାବଜାରକୁ ନେଇ ସାଂସଦ ମାନସଙ୍କ ଉଦ୍‌ବେଗ



ଭୁବନେଶ୍ୱର, ୨୪।୩ (ସମିସ): ରାଜ୍ୟରେ ସାରର ବ୍ୟାପକ କଳାବଜାର ଏବଂ ଅବୈଧ ବିକ୍ରି କରାଯାଉଛି। ଅସାଧୁ ଉପାୟରେ ଡିଲର୍ ମାଲାମାଲ୍ ହେଉଥିଲା ବେଳେ ଚାଷୀ ମୁଣ୍ଡରେ ହାତ ଦେଉଛନ୍ତି। ଏଥିପାଇଁ ବିଭିନ୍ନ ସମୟରେ ଚାଷୀ ଏବଂ ବିଭିନ୍ନ ସଂଗଠନ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଉଛନ୍ତି। ରାଜ୍ୟରେ ଚାଷୀଙ୍କ ଏଭଳି ଦୟନୀୟ ଅବସ୍ଥା ଏବଂ ଡିଲର୍‌ଙ୍କ କାର୍ଯ୍ୟକଳାପକୁ ନେଇ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ରାଜ୍ୟସଭାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କେନ୍ଦ୍ର ସାର ମନ୍ତ୍ରୀଙ୍କୁ ଶ୍ରୀ ମଙ୍ଗରାଜ ଏନେଇ ୩ଟି ପ୍ରଶ୍ନ କରିଛନ୍ତି। ଗତ ତିନି ବର୍ଷ ମଧ୍ୟରେ ଓଡ଼ିଶାରେ ସାର କଳାବଜାରୀ ଓ ଅବୈଧ ବିକ୍ରୟ ସମ୍ପର୍କିତ ମାମଲା ସଂଖ୍ୟା କେତେ ରହିଛି। ଜିଲ୍ଲାୱାରୀ କେତେ ଡିଲର୍‌ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଜରିମାନା ଆଦାୟ କରାଯାଇଛି। ଓଡ଼ିଶାରେ ସାରର ନିରପେକ୍ଷ ବଣ୍ଟନ ଏବଂ ତଦାରଖକୁ ସୁଦୃଢ଼ କରିବା ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି।

ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି, କଳାବଜାରୀ ଏବଂ ଅବୈଧ ବିକ୍ରି ପାଇଁ ରାଜ୍ୟ ସରକାରଗୁଡ଼ିକ ଆଇନ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ଷମତାପ୍ରାପ୍ତ। ଓଡ଼ିଶା ସରକାରଙ୍କ ଅନୁଯାୟୀ, ୨୦୨୩-୨୪ ଏବଂ ୨୦୨୪-୨୫ ବର୍ଷ ମଧ୍ୟରେ ସାର କଳାବଜାରୀ କିମ୍ବା ବେଆଇନ ବିକ୍ରୟ ସହିତ ଜଡ଼ିତ କୌଣସି ମାମଲା ରିପୋର୍ଟ ହୋଇନାହିଁ। ତଥାପି, ୨୦୨୫-୨୬ ମଧ୍ୟରେ ଢେଙ୍କାନାଳ, ଝାରସୁଗୁଡ଼ା ଏବଂ ସମ୍ବଲପୁର ଜିଲ୍ଲାରେ ଗୋଟିଏ ଲେଖାଏଁ ମୋଟ ୩ଟି କଳାବଜାରୀ ମାମଲା ରିପୋର୍ଟ ହୋଇଛି। ଗତ ତିନିବର୍ଷ ମଧ୍ୟରେ ସାର ନିୟନ୍ତ୍ରଣ ଆଦେଶ, ୧୯୮୫ର ବିଭିନ୍ନ ବ୍ୟବସ୍ଥାର ଉଲ୍ଲଂଘନ ପାଇଁ ଡିଲର୍‌ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଅନୁଯାୟୀ ୩୬ଜଣଙ୍କ ଲାଇସେନ୍ସକୁ ନିଲମ୍ବିତ କରାଯାଇଥିଲା। ସେହିପରି ୧୯୨ ଡିଲରଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି।

**ବିଧାୟକଙ୍କ ଦରମା ଓ ଭତ୍ତା ହ୍ରାସ ପ୍ରସ୍ତାବକୁ ନେଇ ଶାସକ ଦଳରେ ଅସହମତି**

# ଏବେ ଆସିବନି ସଂଶୋଧିତ ବିଧେୟକ!

ଭୁବନେଶ୍ୱର,୨୪।୩(ସମିସ): ଗତ ଅଧିବେଶନରେ ଓଡ଼ିଶାର ବିଧାୟକଙ୍କ ଦରମା ଓ ଭତ୍ତା ୩ ଗୁଣ ବୃଦ୍ଧି ପ୍ରସଙ୍ଗ ସାରା ଦେଶରେ ସୃଷ୍ଟି କରିଥିଲା ଆଲୋଡ଼ନ। ରାସ୍ତାରେ ଶିକ୍ଷକମାନେ ଧାରଣାରେ ବସିବା, ରେଳ ବଗି ଶୌଚାଳୟ ନିକଟରେ କ୍ରୀଡ଼ାବିତ୍‌ମାନଙ୍କ ଯାତ୍ରା, ଏୟାରଷ୍ଟ୍ରିପ୍‌ରେ ହଜାର ହଜାର ଶିକ୍ଷିତ ଯୁବକ ଗୃହରକ୍ଷୀ ପଦ ପାଇଁ ପରୀକ୍ଷା ଦେବା ସମୟରେ ବିଧାୟକଙ୍କ ଦରମା ୩ଗୁଣ ବୃଦ୍ଧି କରାଯିବା ଜାତୀୟ ଗଣମାଧ୍ୟମରେ ବ୍ୟଙ୍ଗ କରାଯାଇଥିଲା । କେବଳ ସେତିକି ନୁହେଁ, ସତ୍ୟପାଠରେ ନିଜର ପେସାକୁ 'ସମାଜ ସେବା' ଉଲ୍ଲେଖ କରିଥିବା ବିଧାୟକମାନେ ମାସକୁ ସାଢ଼େ ୩ ଲକ୍ଷ ଟଙ୍କା ଦରମା, ୫ ବର୍ଷ ଉତ୍ତାରୁ ଲକ୍ଷାଧିକ ଟଙ୍କା ପେନସନ ଓ ପ୍ରତି ପାଞ୍ଚ ବର୍ଷରେ ଦରମା ଓ ପେନସନ ବୃଦ୍ଧି ନିୟମକୁ ନେଇ ସାରା ରାଜ୍ୟବାସୀଙ୍କ ମନରେ କ୍ଷୋଭ ସୃଷ୍ଟି କରିଥିଲା। ଏପରିକି ପଛୁଆ ଭାବରେ ଏହି ନିୟମ କାର୍ଯ୍ୟକାରୀ କରାଯାଇ ପ୍ରତ୍ୟେକ ବିଧାୟକଙ୍କୁ ବକେୟା ବାବଦରେ ପ୍ରାୟ ଅଧକୋଟି ଟଙ୍କା ଲେଖାଏଁ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏହି ସମୟରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମାକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଖର୍ଚ୍ଚ ସଂକ୍ରାନ୍ତ ଧାଡ଼ିକିଆ ଚିଠି, ସିପିଏମ୍ ବିଧାୟକଙ୍କ ବର୍ଦ୍ଧିତ ବେତନ ପ୍ରସ୍ତାବକୁ ବିରୋଧ ଶାସକ ଦଳକୁ ଅକଳରେ ପକାଇ ଦେଇଥିଲା। ଶାସକ ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦଳର ଶୀର୍ଷ ନେତା ଏହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଯାହା ପରେ ଶାସକ ଦଳର ବିଧାୟକମାନେ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବର୍ଦ୍ଧିତ ବେତନ ହ୍ରାସ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ପ୍ରସ୍ତାବ ଦେଇଥିଲେ। ବଜେଟ୍ ଅଧିବେଶନରେ ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ସଂଶୋଧନ ବିଧେୟକ ଆଗତ କରାଯିବା ଯୋଜନା ରହିଥିଲେ ହେଁ ଏଥିରେ କୁଆଡ଼େ ଶାସକ ଦଳରେ ଅସହମତି ସୃଷ୍ଟି ହୋଇଛି । ଯାହା ଫଳରେ ସଂଶୋଧିତ ବିଧେୟକ ଆସିପାରୁ ନାହିଁ ବୋଲି କୁହାଯାଉଛି ।

ଗତ ସରକାର ସମୟରେ ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତରେ ସୁପାରିସ କରିଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏହି କମିଟିର ମଧ୍ୟ ସଦସ୍ୟ ଥିଲେ । ମାତ୍ର ବିଜେଡି ସରକାର ଏହି ସୁପାରିସ ଉପରେ କୌଣସି ପଦକ୍ଷେପ ନେଇ ନ ଥିଲେ। ରାଜ୍ୟରେ ବିଜେପି ସରକାର ଗଢ଼ାଯିବା ପରେ ଅନ୍ୟତମ ବିଧାୟକ ଭାସ୍କର ଚନ୍ଦ୍ର ମଢେଇଙ୍କ ଅଧ୍ୟକ୍ଷତାରେ ଆଉ ଏକ କମିଟି ଗଠନ କରାଯାଇଥିଲା । ମାତ୍ର ଅମର ଶତପଥୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଠାରୁ ଭାସ୍କର ମଢ଼େଇଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ସୁପାରିସ ପ୍ରାୟ ଦୁଇଗୁଣ ଥିବା କୁହାଯାଉଛି। ପରବର୍ତ୍ତୀ ସମୟରେ ବିଧାନସଭାରେ ତାହା ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା ।

ମାତ୍ର କୌତୂହଳର କଥା ହେଉଛି ବିଧାନସଭାରେ ଗୃହୀତ ବେତନ ଓ ଭତ୍ତା ବିଲ୍‌ରେ ଧନୀ ରାଜ୍ୟଗୁଡ଼ିକରେ ବିଧାୟକମାନେ ପାଉଥିବା ବେତନ ଓ ଭତ୍ତାକୁ ବି ଅତିକ୍ରମ କରି ଯାଇଥିଲା। ତେଲେଙ୍ଗାନାରେ ବିଧାୟକମାନେ ସର୍ବୋଚ୍ଚ ୨.୫ ଲକ୍ଷ ବେତନ ପାଉଛନ୍ତି । ସେହିପରି କର୍ଣ୍ଣାଟକରେ ୨.୦୫ ଲକ୍ଷ, ପଶ୍ଚିମବଙ୍ଗରେ ୧.୦୫ରୁ ୧.୧୩ ଲକ୍ଷ, ତାମିଲନାଡୁରେ ୧.୧୩ ଲକ୍ଷ, ପଞ୍ଜାବରେ ୧/୧୪ ଲକ୍ଷ, କେରଳରେ ୭୦ ହଜାରରୁ ୯୦ ହଜାର ଟଙ୍କା ମଧ୍ୟରେ ବିଧାୟକଙ୍କୁ ବେତନ ମିଳୁଛି । ବିଜେପି ଓ ଏହାର ସହଯୋଗୀମାନେ ଶାସନ କରୁଥିବା ରାଜ୍ୟର ବିଧାୟକମାନେ ମହାରାଷ୍ଟ୍ରରେ ୨.୫୨ ଲକ୍ଷ, ଦିଲ୍ଲୀରେ ୧.୭ ଲକ୍ଷ , ଉତ୍ତରପ୍ରଦେଶରେ ୧.୮୭ ଲକ୍ଷ, ବିହାରରେ ୧.୬୫ ଲକ୍ଷ, ଛତିଶଗଡ଼ରେ ୧.୬ ଲକ୍ଷ, ଗୁଜରାଟରେ ୧.୨୭ ଲକ୍ଷ ବେତନ ପାଉଛନ୍ତି । ମାତ୍ର ଓଡ଼ିଶାରେ ବିଧାୟକମାନଙ୍କ ବେତନ ଦେଶରେ ସର୍ବାଧିକ ୩.୪୫ ଲକ୍ଷ କରାଯିବା ସବୁ ମହଲରେ ଆକ୍ରୋଶ ସୃଷ୍ଟି କରିଥିଲା। ଅଧିକ ବେତନ ପାଉଥିବା ରାଜ୍ୟର ରାଜସ୍ୱ ଆୟ ଓ ଓଡ଼ିଶାର ରାଜସ୍ୱ ଆୟକୁ ତୁଳନା କରି ସାଧାରଣ ଲୋକମାନେ ସାମାଜିକ ଗଣମାଧ୍ୟମରେ ତୀବ୍ର ସମାଲୋଚନା କରିଥିଲେ।

ତେଣୁ ଚଳିତ ବିଧାନସଭା ଅଧିବେଶନରେ ସଂଶୋଧିତ ବିଧେୟକ ଆଗତ ପାଇଁ ସରକାର ଯୋଜନା କରିଥିଲେ ହେଁ ଏହାକୁ ନେଇ ଦଳରେ ସହମତି ପ୍ରକାଶ ପାଇପାରି ନାହିଁ । ଉପସାଗରୀୟ ଯୁଦ୍ଧ, ଇନ୍ଧନ ସଙ୍କଟ, ଦରଦାମ ବୃଦ୍ଧି ସମୟରେ ପୁଣି ବିଧାୟକଙ୍କ ବେତନ ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ସଂଶୋଧନ ବିଧେୟକ ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି କରିବାର ଆଶଙ୍କା ରହିଛି । ତେଣୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ପାଇଁ ଦଳର ଅନେକ ନେତା ମତ ଦେଇଛନ୍ତି । ଅପରପକ୍ଷରେ ଏହି ବିଧେୟକ ସହ ସାମ୍ବିଧାନିକ ବିଧିବ୍ୟବସ୍ଥା ଜଡ଼ିତ ଥିବାରୁ ଆଡଭୋକେଟ୍ ଜେନେରାଲଙ୍କ ମତାମତ ନିଆଯାଇ ବିଲ୍ ଆଗତ କରିବାକୁ ଦଳର କିଛି ବିଧାୟକ ଯୁକ୍ତି ବାଢୁଥିବା ସୂଚନା ମିଳିଛି ।

## ବିଧାନସଭା ଖବର

### ଶିଳ୍ପ ଲାଗି ୫ ବର୍ଷରେ କଟିଛି ୩,୭୨,୪୧୮ ଗଛ

ଭୁବନେଶ୍ୱର, ୨୪।୩ (ସମିସ): ବିଗତ ୫ବର୍ଷ ମଧ୍ୟରେ ସାରା ରାଜ୍ୟରେ ଖଣି ଓ ଶିଳ୍ପ କାରଖାନା ପାଇଁ ୧୨,୭୬୯.୦୬୪ ହେକ୍ଟର ଜଙ୍ଗଲ ଜମି ଅପସାରିତ ହୋଇଛି । ଏଥିପାଇଁ ୩,୭୨,୪୧୮ ଟି ଗଛ କଟା ଯାଇଛି । ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ଅଧିନିୟମ, ୧୯୮୦ ମୁତାବକ କ୍ଷତିପୂରକ ବନୀକରଣ ନିମନ୍ତେ ୧୨,୯୩୩.୪୧ ହେକ୍ଟର୍ ଅଣ-ଜଙ୍ଗଲ ଜମି ସଂପୃକ୍ତ ବ୍ୟବହାରିକ ସଂସ୍ଥାଙ୍କଠାରୁ ପ୍ରାପ୍ତ ହୋଇଛି । ଏଥିମଧ୍ୟରୁ ୮,୨୮୭.୨୪୯ ହେକ୍ଟର୍ ଜମିରେ କ୍ଷତିପୂରକ ବନୀକରଣ ସଂପୂର୍ଣ୍ଣ ହୋଇଛି । ରାଜ୍ୟରେ ଖଣି ଓ ଶିଳ୍ପ କାରଖାନା ନିମନ୍ତେ ଜଙ୍ଗଲ ଜମି ବ୍ୟବହାର କରୁଥିବା ସମସ୍ତ କାର୍ଯ୍ୟକାରୀ ସଂସ୍ଥା ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କଠାରୁ ଅନୁମତିପ୍ରାପ୍ତ କରନ୍ତି । ବିଧାୟକ ଶାରଦା ପ୍ରସାଦ ନାୟକଙ୍କ ଏକ ଅଣ-ତାରକା ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉପରୋକ୍ତ ତଥ୍ୟ ରଖିଛନ୍ତି ।

ସେହିପରି ବିଧାୟକ ଶ୍ରୀ ନାୟକଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ବିଗତ ଦୁଇବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବନୀକରଣ ଯୋଜନାରେ ମୋଟ ୪୩୬.୭୩ ଲକ୍ଷ ବୃକ୍ଷ ଚାରାରୋପଣ କରାଯାଇଛି । ରୋପଣ ଚାରାଗୁଡ଼ିକ ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଉଛି । ବନୀକରଣର ରକ୍ଷଣାବେକ୍ଷଣ ଓ ସେବା ପାଳନ ନିମନ୍ତେ ପ୍ରତିବର୍ଷ ଯଥା ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨୦୦.୭୯ କୋଟି ଓ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୫୦.୮୦ କୋଟି ଅର୍ଥରାଶି ବ୍ୟୟ ହୋଇଛି ।

### ୫ବର୍ଷରେ ୧୦୭ ହାତୀ ଦାନ୍ତ, ୧୧୦ କଲରାପତରିଆ ଛାଲ ଜବତ

ଭୁବନେଶ୍ୱର, ୨୪।୩ (ସମିସ): ଗତ ୫ବର୍ଷରେ ମାଫିଆଙ୍କ ନିକଟରୁ ୧୦୭ଟି ହାତୀ ଦାନ୍ତ, ୧୧୦ଟି କଲରାପତରିଆ ବାଘଛାଲ ଓ ୬ଟି ମହାବଳ ବାଘଛାଲ ଜବତ ହୋଇଛି । ବିଧାୟକ ଡ. ଅରୁଣ ସାହୁଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି । ମନ୍ତ୍ରୀ ଉତ୍ତରରେ କହିଛନ୍ତି ଯେ ନ୍ୟାୟାଳୟ ମାମଲାର ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ଜବତ ସାମଗ୍ରୀଗୁଡ଼ିକ ସୁରକ୍ଷିତ ଜିମାରେ ରଖାଯାଉଛି । ଜବତ ସାମଗ୍ରୀଗୁଡ଼ିକର କୋର୍ଟ କେସ୍ ଫଇସଲା ହେବା ପରେ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ୨୦୨୩ର ନିୟମାବଳୀ ଅନୁସାରେ ନଷ୍ଟ କରାଯାଉଛି ।

### ଜଙ୍ଗଲ ନିଆଁ ରୋକିବାକୁ ୨୬୧ ସ୍କ୍ୱାଡ୍

ଭୁବନେଶ୍ୱର, ୨୪।୩ (ସମିସ): ରାଜ୍ୟରେ ବିଭିନ୍ନ ସ୍ଥାନରେ ଲାଗିଥିବା ଜଙ୍ଗଲ ନିଆଁ ସରକାରଙ୍କ ନଜରକୁ ଆସିଛି । ଏହି ବନାଗ୍ନି ରୋକିବା ତଥା ଜଙ୍ଗଲ ସମ୍ପଦ ସୁରକ୍ଷା ନିମନ୍ତେ ସରକାରଙ୍କ ଦ୍ୱାରା ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତର ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ସେ କହିଛନ୍ତି ଯେ ଜଙ୍ଗଲ ଆଭ୍ୟନ୍ତରୀଣ ତଥା ଜଙ୍ଗଲ ସୀମାବର୍ତ୍ତୀ ଅଞ୍ଚଳରେ ଅଗ୍ନି ପ୍ରଶମନ ରେଖା ସୃଷ୍ଟି କରାଯାଇଛି । ବନଖଣ୍ଡ ଏବଂ ରେଞ୍ଜସ୍ତରୀୟ ସଚେତନତା ଅଭିଯାନ, ବନ ସଚେତନତା କାର୍ଯ୍ୟକ୍ରମର ସୂଚନା, ବ୍ୟାନର ଓ ବିଜ୍ଞାପନକୁ ସଠିକ ସ୍ଥାନରେ ପ୍ରଦର୍ଶନ କରାଯାଉଛି ଏବଂ ବନାଗ୍ନି ନିର୍ବାପନ ମକ ଡ୍ରିଲ ଇତ୍ୟାଦି କରାଯାଉଛି । ବିଭାଗ ବନାଗ୍ନି ଅବରୋଧକ ପ୍ରଶିକ୍ଷିତ ଦଳ ଗଠନ କରିବା ସହ ବନାଗ୍ନି ନିର୍ବାପନ ପାଇଁ ୨୬୧ଟି ଗାଡ଼ି, ୧୦୩୭ଟି ଅଗ୍ନି ନିର୍ବାପକ ଉପକରଣ ଓ ପର୍ଯ୍ୟାପ୍ତ ପରିମାଣର ଅଗ୍ନି ସୁରକ୍ଷା ଉପକରଣ ଇତ୍ୟାଦି ପ୍ରଦାନ କରାଯାଇଛି । ସେହିପରି ବନାଗ୍ନି ନିର୍ବାପନ ନିମନ୍ତେ ୨୬୧ଟି ଅଗ୍ନି ନିରାପତ୍ତା ସ୍କ୍ୱାଡ୍ ଗଠନ କରାଯାଇଛି । ରିଅଲ୍ ଟାଇମ୍ ଆଧାରରେ ଆଲର୍ଟ ଚିହ୍ନଟ ଏବଂ ଏହାକୁ ପଠାଇବା ନିମନ୍ତେ ଶିମିଳିପାଳରେ ଏଆଇ କ୍ୟାମେରା ଲଗାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ଦୁଇ ବର୍ଷରେ ୫୮୦ ହେକ୍ଟର୍‌ରେ ହେନ୍ତାଳ ବଣ ସୃଷ୍ଟି

ଭୁବନେଶ୍ୱର, ୨୪।୩ (ସମିସ): ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବନ୍ୟା, ବାତ୍ୟାର ମୁକାବିଲା ପାଇଁ ବିଗତ ଦୁଇବର୍ଷ ମଧ୍ୟରେ ସମୁଦାୟ ୫୮୦ ହେକ୍ଟର ଅଞ୍ଚଳରେ ହେନ୍ତାଳ ବଣ ସୃଷ୍ଟି କରାଯାଇଛି । ଏନେଇ ମଙ୍ଗଳବାର ବିଧାନସଭାରେ ତଥ୍ୟ ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ ୨୦୨୪-୨୫ରେ ସମୁଦାୟ ୩୯୧ ହେକ୍ଟର୍ ଏବଂ ୨୦୨୫-୨୬ରେ ୧୮୯ ହେକ୍ଟର୍ ହେନ୍ତାଳ ବଣ ସୃଷ୍ଟି ହୋଇଛି । ଏହି ଦୁଇ ବର୍ଷରେ ରାଜନଗରର ସର୍ବାଧିକ ୩୧୪ ହେକ୍ଟର୍, ବାଲେଶ୍ୱରରେ ୧୬୫ ହେକ୍ଟର୍ ଓ ଭଦ୍ରକରେ ୫୫ ହେକ୍ଟର୍ ହେନ୍ତାଳ ବଣ ସୃଷ୍ଟି କରାଯାଇଛି ।

### ବଢ଼ିବାରେ ଲାଗୁଛି ଶିଶୁ ନିଖୋଜ ମାମଲା

ଭୁବନେଶ୍ୱର,୨୪।୩(ସମିସ): ରାଜ୍ୟରେ ଶିଶୁ ନିଖୋଜ ମାମଲା ବଢିବାରେ ଲାଗିଛି। ୨୦୨୪ରେ ୬୮୩୮ ଶିଶୁ ନିଖୋଜ ହୋଇଥିବାବେଳେ ୫୯୪୨ ଜଣ ଉଦ୍ଧାର ହୋଇଥିଲେ। ହେଲେ ନିଖୋଜ ସଂଖ୍ୟା ୨୦୨୫ରେ ବଢ଼ି ୮୨୦୬ରେ ପହଞ୍ଚିଛି। ସେଥିରୁ ୬୦୩୬ ଜଣ ଉଦ୍ଧାର ହୋଇଛନ୍ତି । ସେପଟେ କମିସନରେଟ ପୋଲିସର ପାରିବାପଣିଆ ନେଇ ବି ପ୍ରଶ୍ନ ଉଠୁଛି । ଭୁବନେଶ୍ୱର ହତ୍ୟାକାଣ୍ଡ ମାମଲା କମୁଛି, ହେଲେ କଟକରେ ବଢ଼ି ଚାଲିଛି । ୨୦୨୪ରେ କଟକରେ ୨୧ ଟି ହତ୍ୟା ମାମଲା ପଞ୍ଜିକୃତ ହୋଇଥିଲା । ଏହି ସଂଖ୍ୟା ୨୦୨୫ରେ ବଢ଼ି ୨୪ରେ ପହଁଚିଲା । ଭୁବନେଶ୍ୱରରେ ହତ୍ୟାକାଣ୍ଡ ସଂଖ୍ୟା ଅଧିକ ରହିଥିଲେ ବି ୨୦୨୪ ତୁଳନାରେ ୨୦୨୫ରେ କମିଛି । ୨୦୨୪ରେ ଭୁବନେଶ୍ୱରରେ ୪୩ଟି ହତ୍ୟାକାଣ୍ଡ ମାମଲା ପଞ୍ଜିକରଣ ହୋଇଥିଲା । ଯାହା ୨୦୨୫ରେ ୩୩କୁ କମିଲା । ଗୃହରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ସୂଚନା ଦେଇଛନ୍ତି ।

**୨.୭କୋଟି ଟଙ୍କାର ସାଇବର ଠକେଇ**

# ନାଇଜେରୀୟ ଅଭିଯୁକ୍ତର ଜାମିନ ଖାରଜ

କଟକ, ୨୪।୩(ସମିସ): ଇରାନୀ କେଶର ରପ୍ତାନି ନାଁରେ କୋଟିକୋଟି ଟଙ୍କାର ସାଇବର ଠକେଇ ଅଭିଯୋଗରେ ଗିରଫ ହୋଇଥିବା ଜଣେ ନାଇଜେରିଆ ଠକଙ୍କୁ ହାଇକୋର୍ଟରୁ ନିରାଶ ହେବାକୁ ପଡ଼ିଛି । ଅଭିଯୁକ୍ତ କ୍ରିଷ୍ଟୋଫର୍ ଚିଜୋବାମ କ୍ରିଷ୍ଟଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଖାରଜ କରିଦେଇଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ଥିବା ଅଭିଯୋଗ ଅତ୍ୟନ୍ତ ଗୁରୁତର ଏବଂ ସେ ଜାଲ୍ ପାସପୋର୍ଟ ବ୍ୟବହାର କରୁଥିବାରୁ ଜାମିନ ପାଇଲେ ଫେରାର୍ ହୋଇଯିବାର ସମ୍ଭାବନା ରହିଛି । ଫଳରେ କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ବିଶ୍ୱବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟକୁ ଇରାନୀ କେଶର ଯୋଗାଇବା ପାଇଁ ଜଣେ ପୂର୍ବତନ ଆଇଏଏସ ଅଧିକାରୀଙ୍କୁ ପ୍ରଲୋଭିତ କରିଥିଲା ଏହି ଠକ । ଅଭିଯୋଗକାରୀଙ୍କଠାରୁ ଏହି ବାବଦରେ ପ୍ରାୟ ୨.୭କୋଟି ଟଙ୍କା ଠକି ନେଇଥିଲା । ଯାହାକୁ ସେ ୯ ଟି ଭିନ୍ନ ଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ । ସାଇବର ଥାନାରେ ମାମଲା ରୁଜୁ ହେବା ପରେ ତଦନ୍ତକାରୀ ଅଧିକାରୀମାନେ ଦିଲ୍ଲୀର ବସନ୍ତ ବିହାର ଅଞ୍ଚଳରୁ ଏହି ଟଙ୍କା ଉଠାଯାଉଥିବା ଜାଣିବାକୁ ପାଇଥିଲେ । ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ନାଇଜେରିଆ ନାଗରିକଙ୍କୁ ଗିରଫ କରିଥିଲା । ଅଭିଯୁକ୍ତଙ୍କ ପାଖରୁ ଜାଲ୍ ପାସପୋର୍ଟ ଏବଂ ଭିସା ମଧ୍ୟ ଜବତ କରାଯାଇଥିଲା ।

# ଜଳ ଜୀବନ ମିଶନ ୨.୦ ପାଇଁ ଏମଓୟୁ ସ୍ୱାକ୍ଷରିତ

**ମହିଳାଙ୍କ ଜୀବନରେ ଆଣିବ ସୁଧାର ଆଣିବ: କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ**



ଭୁବନେଶ୍ୱର, ୨୪।୩(ସମିସ): ଓଡ଼ିଶାରେ ଜଳ ଜୀବନ ମିଶନ ୨.୦ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଆଭାସୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୂଆଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲ ଏବଂ ରାଷ୍ଟ୍ର ମନ୍ତ୍ରୀ ବି. ସୋମନ୍ନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଧନ୍ୟବାଦ ଜଣାଇ କହିଥିଲେ ଯେ ଦେଶର ୭୭.୩ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ଟ୍ୟାପ୍ ସଂଯୋଗ ମିଳିଛି । କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଏହି ମିଶନର ସମ୍ପ୍ରସାରଣ ୨୦୨୮ ପର୍ଯ୍ୟନ୍ତ ଅନୁମୋଦନ ମିଳିଥିବା ଓ 'ହର ଘର ଜଳ' ଲକ୍ଷ୍ୟ ପୂରଣ ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ।

ଏହି ଅବସରରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର ପାଟିଲ କହିଥିଲେ ଯେ ୨୦୨୪ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୬-୨୦୨୮ ପର୍ଯ୍ୟନ୍ତ ଜଳ ଜୀବନ ମିଶନ ୨.୦ ମାଧ୍ୟମରେ ସମ୍ପ୍ରସାରିତ କରାଗଲା । ଏହି ମିଶନ ମହିଳାଙ୍କ ଜୀବନରେ ସୁଧାର ଆଣିବ । ଓଡ଼ିଶାରେ ଯେଉଁଠାରେ ପାଣିର ଅଭାବ ରହିଛି ସେଠାରେ ପାଣିର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏହି ମିଶନ ବୋଲି ସେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କେନ୍ଦ୍ର ପାନୀୟ ଜଳ ଓ ସ୍ୱଚ୍ଛତା ବିଭାଗ ସଚିବ ଅଶୋକ ମୀନା ,ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମାଧ୍ୟମିକ ଶିକ୍ଷକଙ୍କୁ ଏକାଧିକଥର ମ୍ୟୁଚୁଆଲ୍ ବଦଳି ସୁଯୋଗ ଦାବି

ଭୁବନେଶ୍ୱର, ୨୪।୩ (ସମିସ): ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଟିଜିଟି ଶିକ୍ଷକଙ୍କ ଏକାଧିକଥର ମ୍ୟୁଚୁଆଲ ଆନ୍ତଃ ଜିଲ୍ଲା ବଦଳିରେ ପ୍ରତିବନ୍ଧକ ଲଗାଯାଇଛି । ଅନ୍ୟ ସମସ୍ତ ବିଭାଗରେ ରାଜ୍ୟ କ୍ୟାଡର୍ କର୍ମଚାରୀଙ୍କ ଚାକିରି କାଳ ମଧ୍ୟରେ ଏକାଧିକଥର ଆନ୍ତଃ ଜିଲ୍ଲା ମ୍ୟୁଚୁଆଲ ବଦଳି ହେଉଥିବା ବେଳେ ଗଣଶିକ୍ଷା ବିଭାଗ ଟିଜିଟି କର୍ମଚାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି । ସେମାନେ ରାଜ୍ୟ କ୍ୟାଡର୍ କର୍ମଚାରୀ ହୋଇଥିଲେ ମଧ୍ୟ ସେମାନଙ୍କୁ ମାତ୍ର ଥରେ ମ୍ୟୁଚୁଆଲ୍ ବଦଳି ପାଇଁ ସୁଯୋଗ ଦିଆଯାଉଛି । ଏହା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମାନସିକ ଅଶାନ୍ତି ମଧ୍ୟକୁ ଠେଲି ଦେଇଛି । ମ୍ୟୁଚୁଆଲ ବଦଳିରେ ସ୍କୁଲ ବା ଜିଲ୍ଲାସ୍ତରରେ କୌଣସି ଅଭାବ ବା ଅତିରିକ୍ତତା ପଦ ସୃଷ୍ଟି ହେବ ନାହିଁ । ଏହା ସତ୍ତ୍ୱେ ସେମାନଙ୍କ ପାଇଁ ଏପରି ନିୟମ କାହିଁକି ବୋଲି ପ୍ରଶ୍ନ କରୁଛନ୍ତି । ଏଣୁ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆସନ୍ତା ଶିକ୍ଷାବର୍ଷରେ ମ୍ୟୁଚୁଆଲ୍ ବଦଳି ପାଇଁ ଅନୁମତି ଦେବାକୁ ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷାମନ୍ତ୍ରୀ ଓ ବିଭାଗୀୟ ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଦାବି କରାଯାଇଛି । ଦାବିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ନିଆନଗଲେ, ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ଅବାହାକ ବିଶ୍ୱଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ପଞ୍ଚାନନ ଜେନା, ଉପସଭାପତି ଗିରିଜା କୁଣ୍ଡୁ, ସନ୍ତୋଷ ସାହୁ ପ୍ରମୁଖ ଏକ ପ୍ରେସ ବିବୃତିରେ ଚେତାବନୀ ଦେଇଛନ୍ତି ।

**ରାଜ୍ୟସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ**

# ଯକ୍ଷ୍ମାର ମୂଳୋତ୍ପାଟନ ପାଇଁ ଜନଭାଗୀଦାରି ଆବଶ୍ୟକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୩ (ସମିସ): ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ-୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ର ଶହେ ଦିନିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ ହୋଇଛି । ରାଷ୍ଟ୍ରୀୟସ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଯକ୍ଷ୍ମାମୁକ୍ତ ଭାରତ: ଶହେଦିନିଆ ଅଭିଯାନ- ୨.୦ର ଶୁଭାରମ୍ଭ କରିଛନ୍ତି । ଯକ୍ଷ୍ମାକୁ ମୂଳୋତ୍ପାଟନ କରିବା ପାଇଁ ଜନସାଧାରଣମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେବଳ ସରକାରଙ୍କ ଚେଷ୍ଟା ଯଥେଷ୍ଟ ନୁହଁ, ଏଥିପାଇଁ ଜନଭାଗୀଦାରି ଆବଶ୍ୟକ । ରାଜ୍ୟର ସମସ୍ତ ଲୋକପ୍ରତିନିଧିଙ୍କୁ ନିଜନିଜ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଏହି ରୋଗ ସମ୍ପର୍କରେ ଥିବା ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ ।

**ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ ର ଶହେ ଦିନିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ**

ଏହାସହ ଏହି ଅଭିଯାନରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସିଭିଲ୍ ସୋସାଇଟି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ସାମିଲ ହେବା ପାଇଁ କହିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯକ୍ଷ୍ମା ରୋଗ ବିରୋଧରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ଏବଂ ସ୍ୱାସ୍ଥ୍ୟ ବିଭାଗର ତ୍ୱରିତ ପଦକ୍ଷେପ ବିଷୟରେ ଆଲୋକପାତ କରିବା ସହିତ ଗ୍ରାମାଞ୍ଚଳ ଓ ଅପହଞ୍ଚ ଅଞ୍ଚଳମାନଙ୍କରେ ଏହି ରୋଗ ବିରୋଧରେ ଅଭିଯାନକୁ ବିଶେଷ ରୂପେ ଧ୍ୟାନ ରଖାଯିବ ବୋଲି କହିଥିଲେ ।

# ଏପ୍ରିଲ ୬ରୁ ନିମ୍ନ ଅଦାଲତ ସକାଳୁଆ

କଟକ,୨୪।୩(ସମିସ): ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ହାଇକୋର୍ଟଙ୍କ ପକ୍ଷରୁ ନିମ୍ନ ଅଦାଲତଗୁଡ଼ିକର କାର୍ଯ୍ୟ ନିର୍ଘଣ୍ଟ ସ୍ଥିର କରାଯାଇଛି । ଆସନ୍ତା ଏପ୍ରିଲ ୬ ତାରିଖ (ସୋମବାର)ଠାରୁ ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ଅଧସ୍ତନ ଅଦାଲତଗୁଡ଼ିକ ସକାଳୁଆ କାର୍ଯ୍ୟ କରିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ହାଇକୋର୍ଟଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, କୋର୍ଟ କାର୍ଯ୍ୟ ସକାଳ ୭ଟାରୁ ଅପରାହ୍‌ଣ ୧ଟା ପର୍ଯ୍ୟନ୍ତ ଚାଲିବ । ଏଥିମଧ୍ୟରେ ସକାଳ ୧୦ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ୩୦ମିନିଟ ବିରତି ରହିବ । କୋର୍ଟ ସିଟିଂ ସକାଳ ସାଢ଼େ ୭ଟାରୁ ମଧ୍ୟାହ୍ନ ସାମେ ୧୨ଟା ପର୍ଯ୍ୟନ୍ତ ଚାଲିବ । ଏହି ସକାଳୁଆ କାର୍ଯ୍ୟସୂଚୀ ଗ୍ରୀଷ୍ମ ଅବକାଶର ଶେଷ କାର୍ଯ୍ୟ ଦିବସ ପର୍ଯ୍ୟନ୍ତ ବଳବତ୍ତର ରହିବ । ସମସ୍ତ ଜିଲ୍ଲାରେ ସକାଳୁଆ କୋର୍ଟ ହେବାକୁ ଥିବା ବେଳେ କିଛି ନିର୍ଦ୍ଦିଷ୍ଟ ସହରକୁ ଏଥିରୁ ବାଦ୍ ଦିଆଯାଇଛି । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ (ସଦର) ଓ ପୁରୀ (ସଦର)ରେ ପୂର୍ବଭଳି ସାଧାରଣ ସମୟରେ ଅଦାଲତ ଚାଲିବ ବୋଲି ହାଇକୋର୍ଟଙ୍କ ରେଜିଷ୍ଟ୍ରାର୍ (ପ୍ରଶାସନ) ଙ୍କ ନିର୍ଦ୍ଦେଶକ୍ରମେ ଏହି ନୋଟିସ୍ ଜାରି କରାଯାଇଛି ।

**ଭଦ୍ରକ ଜିଲ୍ଲାରେ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ନେଇ ଅନିଶ୍ଚିତତା**

# ୧୫୩ ମଣ୍ଡିରେ ପଡ଼ିଛି ୬,୬୭,୮୨୫ କ୍ୱିଣ୍ଟାଲ ଧାନ

ଭଦ୍ରକ,୨୪।୩(ସମିସ): ଭଦ୍ରକ ଜିଲ୍ଲାର ଖରିଫ୍ ଧାନ କିଣା ଆଉ ୭ ଦିନ ପରେ ସରିବ । ସେପଟେ ଆସନ୍ତା ଏପ୍ରିଲ ୧ ତାରିଖରୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ରବି ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ । ଏଥିପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି । ଏଭଳି ପରିସ୍ଥିତିରେ ଜିଲ୍ଲାର ୭ଟି ବ୍ଲକ୍‌ର ୧୫୩ଟି ମଣ୍ଡିରେ ସୋମବାର ସୁଦ୍ଧା ୬ ଲକ୍ଷ ୬୭ ହଜାର ୮୨୫ କ୍ୱିଣ୍ଟାଲ ଧାନ ବିକ୍ରି ନ ହୋଇ ପଡ଼ିରହିଛି । ସେହିଭଳି ୧୬ ହଜାର ୭୩୭ ଟୋକନ୍‌ରେ ଚାଷୀମାନଙ୍କଠାରୁ ଧାନ କିଣା ହେବାକୁ ବାକି ରହିଛି । ମଣ୍ଡିରୁ ଧାନ ଉଠାଇବା ନେଇ ଗତ ସୋମବାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ଆଡିସ୍‌ନାଲ ଏସିଏସ୍‌ଓ ଅସିତ୍ ମହାନ୍ତି, ଡିଆର୍‌ସିଏସ୍ ଦୁଃଖିଆ ଟୁଡୁ, ଭଦ୍ରକ ଆର୍‌ଏମ୍‌ସି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା ଓ ଚାନ୍ଦବାଲି ଆର୍‌ଏମ୍‌ସି ସମ୍ପାଦକ ନିରଞ୍ଜନ ମାଝୀ ଓ ମିଲରମାନେ ଉପସ୍ଥିତ ଥିଲେ । ନିର୍ଦ୍ଧାରିତ ସମୟରେ ମଣ୍ଡିରୁ ଧାନ ଉଠାଇବା ପାଇଁ ଜିଲ୍ଲାପାଳ ମିଲରମାନଙ୍କୁ କହିଥିଲେ । ଏତେ କମ୍ ଦିନ ମଧ୍ୟରେ ମଣ୍ଡିରୁ ଧାନ ଉଠାଇବା ନେଇ ପରୋକ୍ଷରେ ଅସହାୟତା ପ୍ରକାଶ କରିଥିବା ଜଣାଯାଇଛି । ଏଥିସହ ଧାନ କ୍ରୟର ଅବଧି ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳ ଏ ବାବଦରେ ସରକାରଙ୍କ ସହ ଆଲୋଚନା କରି ଜଣାଇବେ ବୋଲି କହିଥିଲେ ।



ସୂଚନାଯୋଗ୍ୟ, ମଣ୍ଡିରୁ ଧାନ ଉଠୁ ନ ଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲାପାଳଙ୍କ ଦପ୍ତରରେ ଚାଷୀମାନଙ୍କର ପ୍ରତିଦିନ ଲମ୍ବା ଧାଡ଼ି ଲାଗିଛି । ବାସୁଦେବପୁର ବ୍ଲକ୍‌ର ୨୭ଟି ମଣ୍ଡିରେ ୨୯୧୬ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ବାକିଥିବାବେଳେ ମଣ୍ଡିରେ ୬୬ହଜାର ୭୪୨ କ୍ୱିଣ୍ଟାଲ ଧାନ ପଡ଼ିରହିଛି । ଭଦ୍ରକ ବ୍ଲକ୍‌ରେ ୨୮ଟି ମଣ୍ଡିରେ ୨୭୦୪ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ଥିବାବେଳେ ୧ ଲକ୍ଷ ୧୭ ହଜାର ୩୦୬ କ୍ୱିଣ୍ଟାଲ, ଭଣ୍ଡାରିପୋଖରୀ ବ୍ଲକ୍‌ର ୧୬ଟି ମଣ୍ଡିରେ ୧୬୧୮ ଆକ୍ଟିଭ୍ ଟୋକନ ଥିବାବେଳେ ୧ଲକ୍ଷ ୧୦ ହଜାର କ୍ୱିଣ୍ଟାଲ ଧାନ, ବନ୍ତ ବ୍ଲକ୍‌ର ୧୮ଟି ମଣ୍ଡିରେ ୨୨୦୧ ଆକ୍ଟିଭ୍ ଟୋକନ୍ ଥିବାବେଳେ ୮୫ ହଜାର ୯୧୮ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି । ସେହିଭଳି ଚାନ୍ଦବାଲି ବ୍ଲକ୍‌ର ୨୬ଟି ମଣ୍ଡିରେ ୩୧୨୮ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ବାକିଥିବାବେଳେ ମଣ୍ଡିରେ ଧାନ ପଡ଼ିଛି ୯୩ ହଜାର ୯୯

**ଧାନ ବିକ୍ରି ଅପେକ୍ଷାରେ ୧୬ହଜାର ୭୩୭ ଆକ୍ଟିଭ୍ ଟୋକନ**

କ୍ୱିଣ୍ଟାଲ, ଧାମନଗର ବ୍ଲକ୍‌ର ୧୫ଟି ମଣ୍ଡିରେ ୭୭୫ଟି ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ବାକି ଥିବାବେଳେ ମଣ୍ଡିରେ ପଡ଼ିଛି ୭୯ ହଜାର ୭୮୭ କ୍ୱିଣ୍ଟାଲ ଧାନ ପଡ଼ିଛି, ତିହିଡ଼ି ବ୍ଲକ୍‌ର ୨୩ଟି ମଣ୍ଡିରେ ସର୍ବାଧିକ ୩୩୯୩ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ଥିବାବେଳେ ୧ ଲକ୍ଷ ୩୪ ହଜାର ୧୪୬ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିଛି । ତେଣୁ ଆଉ ସପ୍ତାହକ ମଧ୍ୟରେ ମଣ୍ଡିରୁ ଧାନ ଉଠିବା ନେଇ ସ୍ୱତଃ ସନ୍ଦେହ ଉପୁଜିଛି ।

# ଚୌଦ୍ୱାରରେ ପୁଲିସର 'ଅଘୋଷିତ କର୍ଫ୍ୟୁ'

# ରାତି ୧୦ରୁ ଦୋକାନ ବଜାର ବନ୍ଦ ନିର୍ଦ୍ଦେଶ ନେଇ ଜନଅସନ୍ତୋଷ

- ରାଜପଥ କଡ଼ରେ ଅସୁରକ୍ଷିତ ଯାତ୍ରୀ
- ବଢ଼ୁଛି ଅସାମାଜିକଙ୍କ ପ୍ରାଦୁର୍ଭାବ

ଚୌଦ୍ୱାର,୨୪।୩(ସମିସ)

ଚୌଦ୍ୱାର ଥାନା ଅଞ୍ଚଳରେ କମିସନରେଟ ପୁଲିସ ପକ୍ଷରୁ ଜାରି ହୋଇଥିବା ଏକ ଅଘୋଷିତ କର୍ଫ୍ୟୁ ସାଧାରଣ ଯାତ୍ରୀ ଓ ସ୍ଥାନୀୟ ବ୍ୟବସାୟୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ବିଶେଷ କରି ୫୫ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଦୋକାନ ବଜାରକୁ ରାତି ୧୦ଟା ସୁଦ୍ଧା ବନ୍ଦ କରିବା ପାଇଁ ପୁଲିସ ଦେଇଥିବା ନିର୍ଦ୍ଦେଶ ଯୋଗୁଁ ଯାତ୍ରୀମାନେ ଅତିଷ୍ଠ ହୋଇପଡ଼ିଛନ୍ତି। ଏହି କଟକଣା ଯୋଗୁଁ ବଜାର ଜନଶୂନ୍ୟ ହୋଇପଡୁଥିବା ବେଳେ ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ରାତ୍ରିକାଳୀନ ଯାତ୍ରୀ, ବିଶେଷ କରି ମହିଳାମାନଙ୍କୁ ଅସଦାଚରଣ କରୁଥିବା ଭଳି ସଂଗୀନ ଅଭିଯୋଗ ଉଠିଛି।

ଚୌଦ୍ୱାର ଦେଇ ପ୍ରତିଦିନ ଭୁବନେଶ୍ୱର ଓ କଟକରୁ ଅନୁଗୋଳ, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଭଳି ଦୂରଦୂରାନ୍ତ ସ୍ଥାନକୁ ଶତାଧିକ ରାତ୍ରି ବସ ଚଳାଚଳ କରିଥାଏ। ମୁଣ୍ଡମାଳ, ଗାନ୍ଧିଛକ ଓ କଳିଙ୍ଗଛକ ଭଳି ପ୍ରମୁଖ ସ୍ଥାନରେ ରାତି ୯ଟା ୩୦ରୁ ୧୨ଟା ପର୍ଯ୍ୟନ୍ତ ଯାତ୍ରୀମାନେ ବସକୁ ଅପେକ୍ଷା କରିଥାନ୍ତି। ମାତ୍ର ୧୦ଟା ପରେ ଦୋକାନ ବନ୍ଦ ହୋଇଯାଉଥିବାରୁ ଏହି ସ୍ଥାନଗୁଡ଼ିକ ଅନ୍ଧାର ଓ ନିଛାଟିଆ ହୋଇପଡୁଛି। ଫଳରେ ବସ ଅପେକ୍ଷାରେ ଥିବା ମହିଳା ଓ ପୁରୁଷ ଯାତ୍ରୀମାନେ ନିଶାଡ଼ି ଓ ଦୁର୍ବୃତ୍ତଙ୍କ ଦ୍ୱାରା ନିର୍ଯାତିତ ହେଉଛନ୍ତି। ସେହିଭଳି ଭୋର ସମୟରେ ବସରୁ ଓହ୍ଲାଉଥିବା ଯାତ୍ରୀଙ୍କ ପାଇଁ ମଧ୍ୟ ବିପଦ ରହୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଦୁର୍ଘଟଣା ରୋକିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ରାତିସାରା ଚା' ଦୋକାନ ଖୋଲା ରଖିବାକୁ ଯୋଜନା କରୁଥିବା ବେଳେ ଚୌଦ୍ୱାର ପୁଲିସର ଓଲଟା ନିୟମ ଚାଳକଙ୍କୁ ମଧ୍ୟ ଅସନ୍ତୋଷ କରିଛି। ଦୀର୍ଘ ସମୟ ଗାଡ଼ି ଚଲାଉଥିବା ଚାଳକମାନେ ଟିକେ ରିଫ୍ରେସ ହେବା ପାଇଁ ଚା' ଦୋକାନଟିଏ ପାଉନାହାନ୍ତି, ଯାହା ପରୋକ୍ଷରେ ଦୁର୍ଘଟଣାର ଆଶଙ୍କା ବଢ଼ାଉଛି।

ସ୍ଥାନୀୟ ବାସିନ୍ଦା ଓ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ଅଘୋଷିତ କର୍ଫ୍ୟୁକୁ ଉଠାଇବା ପାଇଁ ଦାବି ହେଉଛି। ରାଜପଥ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକୁ ଅନ୍ତତଃ ରାତି ୧୨ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ଅନୁମତି ଦେବା ସହ ବସ ରହଣୀ ସ୍ଥାନମାନଙ୍କରେ ପୁଲିସ କର୍ମଚାରୀ ମୁତୟନ ରଖିବାକୁ ସାଧାରଣରେ ଦାବି ଜୋର ଧରିଛି। ପୁଲିସ ପ୍ରଶାସନ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

## କାତ୍ୟାୟନୀ ବେଶରେ ମା' ବୁଢ଼ୀ ମଙ୍ଗଳା



ତିଗିରିଆ,୨୪।୩(ସମିସ): ତିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଠାକୁରାଣୀ ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତୀକ ଦୁର୍ଗାପୂଜାର ଷଷ୍ଠ ଦିବସରେ ମା' ଆଜି ନିଜର ଭକ୍ତମାନଙ୍କୁ କାତ୍ୟାୟନୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ଅବସରରେ ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ପୀଠରେ ଭଜନ, କୀର୍ତ୍ତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ହାଇୱା ଚାପାରେ ଯୁବକଙ୍କ ମୃତ୍ୟୁ

କଣ୍ଟାପଡ଼ା,୨୪।୩(ସମିସ): ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥର ପିଙ୍ଗାପଡ଼ା-ବାଗଲପୁର ମଧ୍ୟବର୍ତ୍ତୀ ମଶାଣି ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଦ୍ରୁତଗାମୀ ହାଇୱା ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଗୋବିନ୍ଦପୁର ଥାନା ପାଟସୁନ୍ଦରପୁର ଅଞ୍ଚଳର ପ୍ରକାଶ ଭୋଇ। ସେ ଓଲଟପୁର ଥାନା ସୁନ୍ଦରଗ୍ରାମ ଦଳିତ ସାହିର ବାହାନ ଭୋଇଙ୍କ କନ୍ୟାକୁ ବିବାହ କରି ସେଠାରେ ଘର ଜ୍ୱାଇଁ ଭାବେ ରହୁଥିଲେ ଏବଂ ଏକ ଟ୍ରାକ୍ଟରରେ ଖଲାସୀ ଭାବେ କାର୍ଯ୍ୟ କରୁଥିଲେ। ଆଜି ପ୍ରକାଶ କୌଣସି କାମରେ ବାଗଲପୁର ଯାଉଥିବା ବେଳେ ଏକ ହାଇୱା ତାଙ୍କୁ ଧକ୍କା ଦେଇ ଚାପି ଦେଇଥିଲା। ସ୍ଥାନୀୟ ଲୋକ ଓ ଓଲଟପୁର ପୁଲିସ ସହାୟତାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ମୃତ ପ୍ରକାଶଙ୍କର ଏକ ନାବାଳିକା ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ଯୁବକଙ୍କୁ ଜାତିଆଣ ଆକ୍ଷେପ ଓ ମାଡ଼ ଅଭିଯୋଗ

ନିଶ୍ଚିନ୍ତକୋଇଲି,୨୪।୩(ସମିସ): ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଅସୁରେଶ୍ୱର ବିଦ୍ୟୁତ୍ ସେକ୍ସନରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ ସହ ମାଡ଼ ମରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସାହୁ କନଷ୍ଟ୍ରକ୍ସନ ସୋଲାର ସଂସ୍ଥାରେ କାର୍ଯ୍ୟ କରୁଥିବା ଅକ୍ଷୟ କୁମାର ସେଠୀଙ୍କୁ ଗତ ସୋମବାର ଦିନ ସେକ୍ ଜାକିର ନାମକ ଜଣେ ବ୍ୟକ୍ତି ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସେକ୍ ଜାକିର ନିଜ ଘରେ ୧ କିଲୋୱାଟ୍‌ର ଏକ ସୋଲାର କନେକ୍ସନ ଲଗାଇଥିଲେ। ମାତ୍ର ବିଦ୍ୟୁତ୍ ବିଲ୍ ବକେୟା ଥିବା କାରଣରୁ ବିଭାଗ ପକ୍ଷରୁ ତାଙ୍କ ଘରର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା, ଯାହା ଫଳରେ ସୋଲାର ସିଷ୍ଟମ କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା। ଏ ସମ୍ପର୍କରେ ଜାକିର, ଅକ୍ଷୟଙ୍କୁ ପଚରାଉଚରା କରିବା ସହ ଉତ୍ତ୍ୟକ୍ତ ହୋଇଥିଲେ। ଅକ୍ଷୟ ତାଙ୍କୁ କନିଷ୍ଠ ଯନ୍ତ୍ରୀଙ୍କ ସହ କଥା ହେବାକୁ ପରାମର୍ଶ ଦେବାରୁ ଜାକିର କ୍ରୋଧାନ୍ୱିତ ହୋଇ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ସୁଦ୍ଧା ପୁଲିସ ଏପର୍ଯ୍ୟନ୍ତ କୌଣସି ତଦନ୍ତ କରି ନ ଥିବା ଅଭିଯୋଗ ହୋଇଛି।

## ତିଗିରିଆରେ ହଜରତ ମସିହ ମଉଦ ଦିବସ



ତିଗିରିଆ,୨୪।୩(ସମିସ): ତିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତ ଅଧୀନ ଜମାତ ଅହମ୍ମଦିୟା କରଡ଼ାପଲ୍ଲୀ ଓ ଜେମାଦେଇପୁର ପଞ୍ଚାୟତ ଅଧୀନ ପଙ୍କାଳଠାରେ ସୋମବାର ବିଳମ୍ବିତ ସନ୍ଧ୍ୟାରେ ହଜରତ ମସିହ ମଉଦ ଦିବସ ପାଳିତ ହୋଇଯାଇଛି। ଜମାତ ଅହମ୍ମଦିୟା କରଡ଼ାପଲ୍ଲୀଠାରେ ଗ୍ରାମ୍ୟ କମିଟି ସଭାପତି ରସିଦ ଅହମ୍ମଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧର୍ମ ସଭାରେ ଜମାତ ଅହମ୍ମଦିୟା ପ୍ରଚାରକ ମୌଲାନା ସେକ ଇସିହାକ, ମୌଲାନା କରାମତ ଅହମ୍ମଦ, ମୌଲାନା ନଶିର ଅହମ୍ମଦ, ଉପସଭାପତି ଅବଦୁଲ ତୋୟବ, ବୃଦ୍ଧ ଅହମ୍ମଦିୟା ସଭାପତି ମହମ୍ମଦ ଯୁନୁସ, ସେକ ଆସରଫ ଅଲ୍ଲୀ, ସେକ ରହିମ, ସେକ ମୋଜିବୁର ରହେମନ ପ୍ରମୁଖ ହଜରତ ମିର୍ଜା ଗୁଲାମ ଅହମ୍ମଦ ମସିହ ମଉଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହିପରି ଜମାତ ଅହମ୍ମଦିୟା ପଙ୍କାଳ ଜାମା ମସଜିଦ ଠାରେ ଗ୍ରାମ୍ୟ କମିଟି ସଭାପତି ସାହାଦତ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜଲସାରେ ମୌଲାନା ସେକ ନାସିରୁଦ୍ଦିନ, ଉପସଭାପତି ମହମ୍ମଦ ଜାଫର ଅଲ୍ଲୀ, ଅବଦୁଲ ଇସମାଇଲ ଖାଁ, ଅବସରପ୍ରାପ୍ତ ଶିକ୍ଷକ ସହାବାଜ ଖାଁ, ପୂର୍ବତନ ସଭାପତି ରୋଶନ ଖାଁ, ମୌଲାନା ସେକ ସମସୁଲ, ମହମ୍ମଦ ଏକ୍ରାମ ପ୍ରମୁଖ ମସିହ ମଉଦଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ।

## ସାଧନ କେନ୍ଦ୍ରସ୍ତରୀୟ ବୈଠକ ଉଦ୍‌ଯାପିତ

ବଡମ୍ବା,୨୪।୩(ସମିସ): ବଡମ୍ବା ଶିକ୍ଷାମଣ୍ଡଳ ଅଧୀନ ରଗଡିପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସାଧନ କେନ୍ଦ୍ରସ୍ତରୀୟ ୯ମ ବୈଠକ ରଗଡ଼ିପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଉଦଯାପିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁରସୁନ୍ଦର ଶତପଥୀଙ୍କ ସଂଯୋଜନା ତଥା ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ମଞ୍ଜରୀ ସ୍ୱାଇଁ ଓ ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବରିଷ୍ଠ ଶିକ୍ଷକ ଗୋବିନ୍ଦଚନ୍ଦ୍ର ଗୋଛି, ଅମିତାରାଣୀ ବେହେରା, ରାଜା ବେହେରା, ସଂଗୀତା ବେହେରା, ଲିଜାରାଣୀ ଖଟୁଆ, ରଘୁନାଥ ସେଠୀ, ଶାନ୍ତିଲତା ଦେଇ, ଅନିତା କୁମାରୀ ନାଏକ, ଡଲି ଦେହୁରୀ, ରାଜକିଶୋର ବେହେରା, ସଞ୍ଜୁବାଳା ରାଉତ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚମ ପର୍ଯ୍ୟାୟ ପ୍ରବୋଧନ ତାଲିମ ଉଦ୍‌ଯାପିତ



ବଡ଼ମ୍ବା,୨୪।୩(ସମିସ): ବଡ଼ମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରିତ ପଞ୍ଚମ ପର୍ଯ୍ୟାୟ ''ପ୍ରବୋଧନ' ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପାଞ୍ଚଦିନିଆ ଶିବିରରେ ମୋଟ ୧୦୦ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ବଡ଼ମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ସହ ଶିକ୍ଷାଧିକାରୀ ଶିବ ପ୍ରସାଦ ବ୍ରହ୍ମା ସଂଯୋଜନା କରିଥିଲେ। ଏଥିରେ ଅନ୍ୟତମ ସହ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ବେହେରା ଓ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାରଦା କବି ଶତପଥୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଶିବିରରେ ସମ୍ବଳ ଶିକ୍ଷକ ଭାବେ ଗୋବିନ୍ଦ ଚନ୍ଦ୍ର ଗୋଛି, ରାଜେଶ ମହାପାତ୍ର, ରମେଶ ଚନ୍ଦ୍ର ନାୟକ ଓ ବଳଭଦ୍ର ଜେନା ପ୍ରଶିକ୍ଷାର୍ଥୀଙ୍କୁ ଅତି ସୁନ୍ଦର ଓ ସାବଲୀଳ ଢଙ୍ଗରେ ତାଲିମ ପ୍ରଦାନ କରିଥିଲେ।

## ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ



କଣ୍ଟାପଡ଼ା,୨୪।୩(ସମିସ): କଣ୍ଟାପଡ଼ାସ୍ଥିତ ପିଏମଶ୍ରୀ ବିଏମ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ମିତାରାଣୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କ୍ରୀଡ଼ା ଅଧିକାରୀ ସୌଦାମିନୀ ଦାସ, କଣ୍ଟାପଡ଼ା ପଞ୍ଚାୟତ ସରପଞ୍ଚ ନିର୍ମଳ ସାହୁ, ମଣ୍ଡଳ ଶିକ୍ଷାଧିକାରୀ ରବୀନ୍ଦ୍ର ସାହୁ, ସୁଶାନ୍ତ ବେହେରା, କମଳାକାନ୍ତ ପ୍ରଧାନ, ସମିତିସଭ୍ୟ ପବିତ୍ରମୋହନ ସ୍ୱାଇଁ, ନିରଞ୍ଜନ ବାରିକ, ପରିଚାଳନା କମିଟି ସଭାପତି ମନସୁର ଅଲୀ ସା, ୱାର୍ଡମେମ୍ବର କବିପ୍ରସାଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ କ୍ରୀଡ଼ାବିତଙ୍କୁ ପୁରସ୍କୃତ କରାଯାଇଥିଲା। ଦେବାଶିଷ କର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ସମସ୍ତ ଶିକ୍ଷକ, ଶିକ୍ଷିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଯୁବ ଛାତ୍ର ବିଜେଡି ପକ୍ଷରୁ ବଳିଦାନ ଦିବସ

ଆଠଗଡ଼,୨୪।୩(ସମିସ): ଭାରତୀୟ ମୁକ୍ତି ସଂଗ୍ରାମର ଅମର ସହିଦ୍ ଭଗତ ସିଂ, ଶୁକଦେବ ଓ ରାଜଗୁରୁଙ୍କ ବଳିଦାନ ଦିବସ ଅବସରରେ ଆଠଗଡ଼ ବିଜୁ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୁରୁଣା ବସଷ୍ଟାଣ୍ଡସ୍ଥିତ ସପନେଶ୍ୱର ବଜାରଠାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ସହିଦ୍‌ମାନଙ୍କ ବିଚାରଧାରା, ଦର୍ଶନ ଓ ଦେଶମାତୃକା ପ୍ରତି ଥିବା ପ୍ରତିଶ୍ରୁତିବଦ୍ଧତାର ପ୍ରାସଙ୍ଗିକତାକୁ ଆଜିର ଯୁବଶକ୍ତି ଉପଲବ୍ଧ କରିବା ଆବଶ୍ୟକ। ସକାଳେ ଦଳୀୟ କାର୍ଯ୍ୟାଳୟ ''ସୂର୍ଯ୍ୟ ଭବନ'ଠାରେ ସହିଦ୍‌ମାନଙ୍କ ଫଟୋଚିତ୍ରରେ ଏନ୍‌ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ ଓ ଉପାଧ୍ୟକ୍ଷ ବି. ଶୁଭ୍ରଶଙ୍କର ଜ୍ୟୋତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ରଥଗଡ଼ା ଛକଠାରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ବାହାରି ସପନେଶ୍ୱର ବଜାରରେ ପହଞ୍ଚିବା ପରେ ସହିଦ୍‌ଙ୍କ ଜୀବନୀ ଉପରେ ଆଧାରିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଛାତ୍ର ବିଜେଡି ସଭାପତି ମହମ୍ମଦ ଖାଲିଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ସାମ୍ବାଦିକ ସତ୍ୟ ପ୍ରସାଦ ରଥ ଓ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ ପ୍ରମୁଖ ସହିଦଙ୍କ ସିଦ୍ଧାନ୍ତ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଙ୍କୁ ପତ୍ରୀ, ହିମାଂଶୁ ଶେଖର ସ୍ୱାଇଁ, ତୋଫାନ ସାମଲ ଓ ସତ୍ୟପ୍ରିୟ ମହାନ୍ତି ପରିଚାଳନା କରିଥିଲେ।



## କରଡ଼ାପଲ୍ଲୀ ଗ୍ରାମ କମିଟି ପକ୍ଷରୁ ଫଳ ବଣ୍ଟନ



ତିଗିରିଆ,୨୪।୩(ସମିସ): ତିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତ ଅଧୀନ ଜମାତ ଅହମ୍ମଦିୟା କରଡ଼ାପଲ୍ଲୀ ଗ୍ରାମ ପକ୍ଷରୁ ସୋମବାର ''ହଜରତ ମସିହ ମଉଦ ଦିବସ' ଅବସରରେ ତିଗିରିଆର ବିଭିନ୍ନ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଏହି ଅବସରରେ ତିଗିରିଆ ବ୍ଲକ ଅଧୀନ ନିଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମଦର କେୟାର ନର୍ସିଂହୋମ ଓ ତାରା ନର୍ସିଂହୋମ ସହିତ ଆଠଗଡ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କରଡ଼ାପଲ୍ଲୀର ଜମାତ ଅହମ୍ମଦିୟା ମହିଳାଙ୍କ ତରଫରୁ ନର୍ଗିଶ ବାନୁ, ମୁସଲେହା ବେଗମ, ଅତୀୟା ବେଗମ, ସମୀମା ବେଗମ ଓ ଅନିଶା ରସିଦା ମହିଳା ରୋଗୀଙ୍କୁ ପ୍ରଦାନ କରିଥିବା ବେଳେ ପୁରୁଷ ରୋଗୀମାନଙ୍କୁ ମୌଲାନା ସେକ ଇସିହାକ, ଗ୍ରାମ୍ୟ କମିଟି ସଭାପତି ରସିଦ ଅହମ୍ମଦ, ଅବଦୁଲ ମାଲିକ, ଅବଦୁଲ ତୋୟବ, ମୋଜୀବୁର ରହେମନ, ସେକ ଆସରଫ ଅଲ୍ଲୀ, ସେକ ରହିମ, ସରାଫତ ଅଲ୍ଲୀ ଓ ତୋହିଦ ଅଲ୍ଲୀ ପ୍ରମୁଖ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ ଯେ ୨୩ ମାର୍ଚ୍ଚ ଥିଲା ଜମାତ ଅହମ୍ମଦିୟା ସମ୍ପ୍ରଦାୟର ପ୍ରତିଷ୍ଠା ଦିବସ। ଏହି ଅବସରରେ କରଡାପଲ୍ଲୀ ଗ୍ରାମ କମିଟି ଦ୍ୱାରା ବିଭିନ୍ନ ପ୍ରକାର ଲୋକହିତକର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

## ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି,୨୪।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବେଣୀରାମପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୦ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସୁଧା ଭାଇ, କିରଣ ଅପା ଓ ହେନା ଅପାଙ୍କ ସଂଯୋଜନାରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷାବିତ ଅର୍ଜୁନ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ମୁଖ୍ୟବକ୍ତାଭାବେ ଶିକ୍ଷାବିତ ଜ୍ଞାନରଞ୍ଜନ ପାତ୍ର, ସମ୍ମାନିତ ଅତିଥିଭାବେ ପ୍ରଫୁଲଚନ୍ଦ୍ର ସାହୁ, ସିଆରସିସି ଦିଲ୍ଲୀପ ସାମଲ, ମୂରଲୀଧର ପାତ୍ର, କଳ୍ପନା ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ସୁଧାକର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦମୟନ୍ତୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଗୌତମ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।



## ପ୍ରତାପନଗରୀ ଫ୍ଲଡ୍‌ଲାଇଟ ଫୁଟ୍‌ବଲ ମ୍ୟାଚ ଉଦ୍‌ଯାପିତ

କଟକ,୨୪।୩(ସମିସ): ପ୍ରତାପନଗରୀର ପ୍ରତାପକ୍ଲବ ଆନୁକୂଲ୍ୟରେ କୁଆଖାଇ ନଦୀକୂଳସ୍ଥିତ ଅଜଗର ଖେଳ ପଡ଼ିଆଠାରେ ଚାଲିଥିବା ୫ ଦିନିଆ ଫ୍ଲଡଲାଇଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଜଗତସିଂହପୁର ଓ ଢେଙ୍କାନାଳ ଅଞ୍ଚଳରୁ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ସମସ୍ତ ଦଳକୁ ''ଏ' ଏବଂ ''ବି' ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ମ୍ୟାଚ୍ ପରିଚାଳନା କରାଯାଇଥିଲା। ''ଏ' ଡିଭିଜନ୍ ଫାଇନାଲ୍‌ରେ ଗୋଠପୁର ମା' ମଙ୍ଗଳା ଫୁଟବଲ୍ ଟିମ୍ ୨-୧ ଗୋଲ୍‌ରେ ଭୁବନେଶ୍ୱର ନଟୱେଟ୍ ଟିମ୍‌କୁ ପରାସ୍ତ କରି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ସେହିପରି ''ବି' ଡିଭିଜନ୍ ଗ୍ରାମାଞ୍ଚଳ ବର୍ଗରେ ବାରଙ୍ଗ ବାୟର ଫୁଟବଲ୍ ଟିମ୍ ଆଠଗଡ଼ ବାଲିକୁ ଟ୍ରାଇବ୍ରେକର ସହାୟତାରେ ୪-୨ ଗୋଲ୍‌ରେ ପରାସ୍ତ କରି ବିଜୟୀ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସମାଜସେବୀ ପ୍ରଦୋଷ ମହାନ୍ତି ଓ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ପ୍ରମୋଦ ବେହେରା, ସହ-ସମ୍ପାଦକ ବାଦଲ ଜେନା, କୋଷାଧ୍ୟକ୍ଷ ବାଦଲ ସ୍ୱାଇଁ, ନିହାର ରଞ୍ଜନ ପଣ୍ଡା, ମରୁତ ସ୍ୱାଇଁ, ରୋହିତ ସ୍ୱାଇଁ, ସୁରେଶ ରାଉତ, ଅତୁଲ୍ୟ ରାଉତ, ସୁଜନ ବେହେରା ଏବଂ ସତ୍ୟରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତାପ କ୍ଲବ ସଭାପତି ନିରଞ୍ଜନ ରାଉତଙ୍କ ସମେତ ଶିବୁନ ସେନାପତି, ସନାତନ ଦାସ, ତ୍ରିନାଥ ବେହେରା, ସାଗର ରାଉତ ଓ ରାଜେଶ ରାଉତ ପରିଚାଳନା କରିଥିଲେ। ରଙ୍କନିଧି ରାଉତ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଜ୍ୟୋତି ରଞ୍ଜନ ସ୍ୱାଇଁ, ମିକୁନ ମହାନ୍ତି, ମାନସ ବିଶ୍ୱାଳ ଓ ସୁଦୀପ ଦାସ ରେଫରି ଥିଲେ।



# ଜରିପାଲ ତଳେ ରୋଗାକ୍ରାନ୍ତ ଅମର

- ବାପାଙ୍କ ମୃତ୍ୟୁ ପରେ ଯୁବକ ଅସହାୟ
- ଶୁଦ୍ଧିକ୍ରିୟା ପାଇଁ ବି ପାଖରେ ନାହିଁ ସମ୍ବଳ

ଟାଙ୍ଗୀ,୨୪।୩(ସମିସ)

ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତର କଡ଼େଇ ଗ୍ରାମ ଆଦିବାସୀ ବସ୍ତିରୁ ଏକ ହୃଦୟବିଦାରକ ଚିତ୍ର ସାମ୍ନାକୁ ଆସିଛି। ସରକାର ଗରିବ ଆଦିବାସୀଙ୍କ ପାଇଁ ଶହ ଶହ ଯୋଜନା କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ଏହି ବସ୍ତିର ଅମର ସାମଲଙ୍କ କ୍ଷେତ୍ରରେ ସବୁ ଯୋଜନା ବାଟବଣା ହୋଇଥିବା ଅନୁଭବ ହେଉଛି। ମୁଣ୍ଡ ଉପରେ ପକ୍କା ଛାତ ତ ଦୂରର କଥା, ଏକ ଜରିପାଲ ତଳେ ରୋଗାକ୍ରାନ୍ତ ଅବସ୍ଥାରେ ଜୀବନ ସହ ସଂଗ୍ରାମ କରୁଛନ୍ତି ଅମର।

ଘଟଣାରୁ ପ୍ରକାଶ ଯେ ଅମରଙ୍କ ପିତା ଭାସ୍କର ସାମଲ (୭୦) ଗତ ୮ ଦିନ ହେବ ମୃତ୍ୟୁବରଣ କରିଛନ୍ତି। ପୂର୍ବରୁ ମାଆଙ୍କ ପରଲୋକ ହୋଇ ସାରିଥିବା ବେଳେ ବାପାଙ୍କ ଭତ୍ତା ଟଙ୍କାରେ ହିଁ ପରିବାର ଚଳୁଥିଲା। ମାତ୍ର ଏବେ ସାହାରା କହିଲେ କେହି ନାହାନ୍ତି। ଅମରଙ୍କ ବୟସ ୩୨ ବର୍ଷ ହୋଇଥିଲେ ହେଁ ସେ ଦୀର୍ଘ ଦିନ ଧରି ରୋଗାକ୍ରାନ୍ତ ହୋଇ ପଡ଼ିରହିଥିବାରୁ କୌଣସି କାମଧନ୍ଦା କରିବାକୁ ଅକ୍ଷମ। ସ୍ଥିତି ଏପରି ହୋଇଛି ଯେ ନିଜ ପିତାଙ୍କ ଶୁଦ୍ଧିକ୍ରିୟା କରିବା ପାଇଁ ମଧ୍ୟ ତାଙ୍କ ପାଖରେ ସମ୍ବଳ ନାହିଁ। ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ କେବଳ ମାଗଣା ଚାଉଳ ମୁଠାଏ ଛଡ଼ା ତାଙ୍କ ପାଖରେ ଆବାସ ଯୋଜନା କିମ୍ବା ଅନ୍ୟ କୌଣସି ସାମାଜିକ ସୁରକ୍ଷା ଯୋଜନା ପହଞ୍ଚି ପାରିନାହିଁ। ଅମରଙ୍କ ଏଭଳି ଦୁର୍ଦ୍ଦଶା ଦେଖି ଗ୍ରାମର ସମାଜସେବୀ ତଥା ଆଇନଜୀବୀ କଳିଙ୍ଗ କେଶରୀ ମହାନ୍ତି ସହାୟତାର ହାତ ବଢ଼ାଇଛନ୍ତି। ସେ ଅମରଙ୍କୁ ତୁରନ୍ତ ସରକାରୀ ଯୋଜନାରେ ସାମିଲ କରିବା ସହ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଯଦି ସରକାରୀ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅମରଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରେ, ତେବେ ହୁଏତ ଏହି ରୋଗାକ୍ରାନ୍ତ ଯୁବକଙ୍କ ଜୀବନ ବଞ୍ଚି ପାରନ୍ତା। ପ୍ରଶାସନିକ ଅଧିକାରୀମାନେ ଏହି ଗରିବ ପରିବାର ପ୍ରତି ସମ୍ବେଦନଶୀଳ ହେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।



## ଏସସିବି ନିଆଁ | ଯିଏ 'ଇସ୍ତଫା' ମାଗୁଥିଲେ, ଆଜି ସେମାନେ ଚୁପ୍

କଟକ,୨୪।୩(ସମିସ): ଓଡ଼ିଶାର ସ୍ୱାସ୍ଥ୍ୟ ସେବା ଇତିହାସରେ ୨୦୧୬ ଓ ୨୦୨୬ ଏହି ଦୁଇଟି ବର୍ଷ ଦୁଇଟି ବଡ଼ ଅଗ୍ନିକାଣ୍ଡର ମୂକସାକ୍ଷୀ। ୨୦୧୬ରେ ଭୁବନେଶ୍ୱର ସମ୍ ହସ୍ପିଟାଲ୍ ଅଘଟଣ ସମୟରେ "ନୈତିକ ଦାୟିତ୍ୱ'ର ଯେଉଁ ଶାଣିତ ସ୍ୱର

- ଚକ୍ରାନ୍ତରେ ବଳି ପଡ଼ିଲେ ଡିନ୍, ତଳିଆ କର୍ମଚାରୀ
- ପ୍ରକୃତ ଦାୟୀଙ୍କୁ ସୁରକ୍ଷା ଦେଉଛନ୍ତି ସରକାର!
- ବଦଳିଲେ ସରକାର; ବ୍ୟବସ୍ଥା ସ୍ଥାଣୁ

ଶୁଣାଯାଉଥିଲା, ୨୦୨୬ରେ ଏସସିବି ଘଟଣା ବେଳକୁ ତାହା ସମ୍ପୂର୍ଣ୍ଣ ନିରବ ହୋଇପଡ଼ିଥିବା ଭଳି ମନେହେଉଛି। 'ଚକ୍ର ବୁଲିଲେ ମୁହଁ ଘୂରେ' ନ୍ୟାୟରେ, ସେଦିନର ବିରୋଧୀ ଆଜିର ଶାସକ ଏବଂ ସେଦିନର ଶାସକ ଆଜିର ବିରୋଧୀ ସାଜିଥିବା ବେଳେ, କେବଳ "ଦାୟିତ୍ୱ ନିର୍ଦ୍ଧାରଣ'ର ସଂଜ୍ଞାଟି ବଦଳି ଯାଇଥିବା ଅଭିଯୋଗ ହେଉଛି।

ସମ୍ ହସ୍ପିଟାଲ୍ ଅଗ୍ନିକାଣ୍ଡ ପରେ ତତ୍କାଳୀନ ବିରୋଧୀ ଦଳ (ବିଜେପି) ରାଜରାସ୍ତାରୁ ଥାନା ପର୍ଯ୍ୟନ୍ତ ସରକାରଙ୍କୁ ଘେରିଥିଲେ। ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିରୋଧରେ ଏଫ୍ଆଇଆର୍ ଦିଆଯିବା ସହ ବିଧାନସଭାରେ ତୀବ୍ର ହଙ୍ଗାମା ହୋଇଥିଲା। ବିପକ୍ଷ ଏହାକୁ କେବଳ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଏକ ସ୍ପଷ୍ଟ ନୈତିକ ଅସଫଳତା ଭାବେ ଉପସ୍ଥାପନ କରିଥିଲେ। ଏହାର ପରିଣାମ ସ୍ୱରୂପ ସେତେବେଳର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନୈତିକ ଦାୟିତ୍ୱ ନେଇ ପଦତ୍ୟାଗ କରିବାକୁ ପଡ଼ିଥିଲା। ଏପରିକି ସମ୍ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଓ ଚେୟାରମ୍ୟାନ୍‌ଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ସେ ସମୟରେ 'ଶାସନ ନୀତି'ର ଏଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ସାରା ରାଜ୍ୟରେ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ମାତ୍ର ଦଶ ବର୍ଷ ପରେ ଏସସିବି ମେଡିକାଲରେ ସମାନ ଧରଣର ଅଘଟଣ ଘଟିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନର ଧାରା ସମ୍ପୂର୍ଣ୍ଣ ଭିନ୍ନ। ଆଜିର ସରକାର କେବଳ ତଳିଆ ଅଧିକାରୀ ଓ କର୍ମଚାରୀଙ୍କୁ ଦଣ୍ଡିତ କରୁଥିବା ଦେଖାଯାଉଛି। ଘଟଣା ସମୟରେ ନିଜ ଜୀବନକୁ ବାଜି ଲଗାଇ ରୋଗୀଙ୍କୁ ବଞ୍ଚାଉଥିବା ଅଗ୍ନିଶମ କର୍ମଚାରୀ, ଇଞ୍ଜିନିୟର ଓ ଡିନ୍‌ଙ୍କୁ ଏଥିପାଇଁ ଦାୟୀ କରାଯାଇଛି। ବିଶେଷ କରି ଜଣେ ଶିକ୍ଷାଗତ ପ୍ରଶାସକ କିପରି ଫାୟାର ସେଫ୍ଟି ଓ ଏନଓସି ପାଇଁ ଦାୟୀ ହେବେ, ତାହା ବୁଦ୍ଧିଜୀବୀ ମହଲକୁ ଆଶ୍ଚର୍ଯ୍ୟ କରିଛି। ଅବସର ସମୟରେ ତାଙ୍କୁ ବଳି ପକାଇବା ପ୍ରଶାସନିକ ନ୍ୟାୟ ପ୍ରଣାଳୀ ଉପରେ ଏକ ବଡ଼ ପ୍ରଶ୍ନବାଚୀ। ଆଇନ ଅନୁଯାୟୀ ଯିଏ ସଂସ୍ଥାର ଶେଷ ନିୟନ୍ତ୍ରକ ବା "ଅକ୍ୟୁପାୟର', ସେମାନଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନାହିଁ। ଯଦି ସେଦିନ ସମ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାରେ ମନ୍ତ୍ରୀ ଓ ଚେୟାରମ୍ୟାନ୍ ଦାୟୀ ଥିଲେ, ତେବେ ଆଜି ସେହି ସମାନ ମାନଦଣ୍ଡ କାହିଁକି ଅନୁସରଣ କରାଯାଉନାହିଁ? ଯଦି ଦାୟିତ୍ୱ କେବଳ ନିମ୍ନସ୍ତରରେ ସୀମିତ ରହିଯାଏ ଏବଂ ଉଚ୍ଚସ୍ତର "ଅସ୍ପୃଶ୍ୟ' ହୋଇରହେ, ତେବେ ଏହାକୁ ପ୍ରଶାସନ ନୁହେଁ, ବରଂ "ପ୍ରଶାସନିକ ଗୋପନୀୟତା' ଓ "ଦୁଇ ମାପଦଣ୍ଡର ଶାସନ' ବୋଲି କହିବାକୁ ପଡ଼ିବ। ସରକାରଙ୍କ ପାଖରେ ଆଜି ଗୋଟିଏ ସରଳ ପ୍ରଶ୍ନ ସେଦିନର ଦାବି ଯଥାର୍ଥ ଥିଲା ନା ଆଜିର ନୀରବତା ସତ୍ୟ? ଯଦି ଏହାର ସ୍ପଷ୍ଟ ଉତ୍ତର ନ ମିଳେ, ତେବେ ଏହି ପଦକ୍ଷେପଗୁଡ଼ିକୁ ନ୍ୟାୟ ନୁହେଁ, ବରଂ ଦାୟିତ୍ୱ ଲୁଚାଇବାର ଏକ ବିଫଳ ପ୍ରୟାସ ବୋଲି ସାଧାରଣରେ ଆଲୋଚନାରେ ବିଷୟ ପାଲଟିଛି।

## ଏସ୍‌ସିବି ଅଗ୍ନିକାଣ୍ଡକୁ ନେଇ ବର୍ଷିଲା ବିଜେଡି



- ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଡାକ୍ତର ଗୌତମ ଶତପଥୀଙ୍କ ନାଁରେ ଏତଲା
- ତୁରନ୍ତ ଗିରଫ କରିବାକୁ ଦାବି: ବିଳମ୍ବ ହେଲେ କରାଯିବ ଥାନା ଘେରଉ
- ୧୩ ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ଏକ ମନୁଷ୍ୟକୃତ ଅପରାଧ: ବିଜେଡି

କଟକ,୨୪।୩(ସମିସ): କଏସ୍‌ସିବିରେ ଘଟିଥିବା ଛାତିଥରା ଭୟାବହ ଅଗ୍ନିକାଣ୍ଡକୁ ନେଇ ରାଜ୍ୟ ସରକାର ନିରବଦ୍ରଷ୍ଟା ସାଜିଥିବା ବେଳେ କଟକ ଜିଲ୍ଲା ବିଜେଡି ରାଜରାସ୍ତାକୁ ଆସିଛି। ଶ୍ରୀରାମ ଭଞ୍ଜ ବଡ଼ ମେଡିକାଲ୍ ଟ୍ରମା କେୟାର ୟୁନିଟରେ ନିଆଁ ଲାଗି ଚିକିତ୍ସିତ ହେଉଥିବା ନିରୀହ ୧୩ ଜଣ ରୋଗୀଙ୍କ ଅକାଳ ମୃତ୍ୟୁର ଦୋଷୀ ତଥା ହତ୍ୟାକାରୀ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅଗ୍ନି ନିରାପତ୍ତା ଦାୟିତ୍ୱରେ ଥିବା ମେଡିକାଲର ପୂର୍ବତନ ସୁପରିଟେଣ୍ଡେଣ୍ଟ୍ ଡାକ୍ତର ଗୌତମ ଶଥପଥିଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ଗିରଫ କରିବା ଦାବୀରେ ମଙ୍ଗଳାବାଗ ଥାନାରେ କଟକ ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଫୁଲ୍ଲ କୁମାର ସିଂହ ଏତଲା ଦେଇଛନ୍ତି। ଏହି ୧୩ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ଏକ ମନୁଷ୍ୟକୃତ ଅପରାଧ ବୋଲି ବିଜେଡି କହିଛି।

ଶ୍ରୀ ସିଂ ଏତଲାରେ ଦର୍ଶାଇଛନ୍ତି ଯେ ୨୦୧୬ ମସିହା ଅକ୍ଟୋବର ମାସ ୧୭ ତାରିଖ ଦିନ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୨ ଜଣଙ୍କର ପ୍ରାଣହାନି ହୋଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଫଳରେ ନୈତିକତା ଦୃଷ୍ଟିରୁ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ନିଜ ପଦରୁ ଇସ୍ତଫା ଦେବା ସହିତ ତତ୍କାଳୀନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଆରତୀ ଆହୁଜାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ଆଦେଶ ଦିଆଯାଇଥିଲା। ଏଥି ସହିତ ଘରୋଇ ହସ୍ପିଟାଲର ମାଲିକଙ୍କୁ ଗିରଫ କରାଯାଇଥିଲା। ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀଙ୍କୁ କଠୋର ଶାସ୍ତି ପ୍ରଦାନ କରାଯାଇଥିଲା। କିନ୍ତୁ ଏଠାରେ ଓଡିଶାର ସର୍ବ ବୃହତ୍ତ ସରକାରୀ ବଡ଼ ମେଡିକାଲ କଲେଜର ଟ୍ରମା କେୟାର ଆଇସିୟୁ ୟୁନିଟରେ ମନୁଷ୍ୟକୃତ ନିଆଁ ଲାଗି ୧୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସଂଖ୍ୟାଧିକ ଆହତ ହେଲେ ମଧ ରାଜ୍ୟ ସରକାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସମସ୍ତ ଅପରାଧୀଙ୍କୁ ଘଣ୍ଟ ଘୋଡାଇବା ଦୁର୍ଭାଗ୍ୟଜନକ, ଏହା ବଡ଼ ଦୁଃଖ ଏବଂ ପରିତାପର ବିଷୟ ବୋଲି ଶ୍ରୀ ସିଂ କହିଛନ୍ତି। ଏପରିକି ଯେତେବେଳେ ବଡ଼ ମେଡିକାଲରେ ନିରୀହ ରୋଗୀ ଚିକିତ୍ସାଧିନ ଅବସ୍ଥାରେ ପ୍ରାଣ ହରାଉଥିଲେ ସେତେବେଳେ ସମ୍ପୂର୍ଣ୍ଣ ରାଜ୍ୟ ସରକାର ଓ ତାଙ୍କର ମନ୍ତ୍ରୀଗଣ, ବିଧାୟକ ଗଣ ପାରାଦ୍ୱୀପର ଏକ ପଞ୍ଚ ତାରକା ହୋଟେଲରେ ମୌଜ ମଜଲିସ ସହ ରାଜ୍ୟସଭା ନିର୍ବାଚନ ପାଇଁ ଘୋଡା ଯୋଗାଡ଼ରେ ବ୍ୟସ୍ତ ଥିଲେ। ସେହିଭଳି ମୋହନ ମାଝୀ ସରକାର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଅଗ୍ନି ନିରାପତ୍ତା ପାଇଁ ଆସିଥିବା ଚାରିଶହ (୪୦୦) କୋଟି ରୁ ଉର୍ଦ୍ଧ ଟଙ୍କାକୁ ସମ୍ପୂର୍ଣ୍ଣ ଚଳୁ କରି ହରିଲୁଟ କରିଛନ୍ତି, ଉକ୍ତ ଟଙ୍କାର ଏଯାବତ ଅଡିଟ କରା ନ ଯିବା ଏହି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରୁଛି ବୋଲି ସେ ଏତଲାରେ ଦର୍ଶାଇଛନ୍ତି। ଉପରୋକ୍ତ ଅଭିଯୋଗ ଗୁଡିକୁ ତୁରନ୍ତ ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କୁ ଲୋକଲୋଚନକୁ ଆଣିବା ସହିତ ତାଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଶାସ୍ତି ବିଧାନ କରି ଗିରଫ କରାଯିବାକୁ ଶ୍ରୀ ସିଂହ ଦାବୀ କରିଛନ୍ତି।

ପ୍ରଥମେ ଜିଲ୍ଲା ବିଜେଡି ପକ୍ଷରୁ ମଙ୍ଗଳାବାଗ ଛକ ଠାରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବାହାରି ମଙ୍ଗଳାବାଗ ଥାନା ପର୍ଯ୍ୟନ୍ତ ଯାଇଥିଲା। ଉକ୍ତ ଶୋଭାଯାତ୍ରାରେ କଟକ ମହାନଗର ନିଗମର ମେୟର ସୁବାସଚନ୍ଦ୍ର ସିଂହ, ବରିଷ୍ଠ ନେତା ମଧୁସୂଦନ ସାହୁ, ପ୍ରଫୁଲ୍ଲ କୁମାର ବେହେରା, ପ୍ରକାଶ ସିଂହ, ମନୋରଞ୍ଜନ ଦାଶ, ତାପସ ମହାନ୍ତି, ତନ୍ମୟା ରାୟ,କଟକ ଜିଲ୍ଲା ମହିଳା ବିଜେଡ଼ି ସଭାନେତ୍ରୀ ଅନିତା ବେହେରା, ନିଶିତ କରଣ, ସୟଦ ଏକ୍ରାମ ହୁସେନଙ୍କ ସମେତ ବିଜେଡି କର୍ପୋରେଟର,ନେତୃବୃନ୍ଦ ଓ କର୍ମୀ ଶୋଭାଯାତ୍ରାର ନେତୃତ୍ୱ ନେଇ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ।

## ପ୍ରଫେସର ଡ. ସତ୍ୟ ରାଉତରାୟଙ୍କ ଭ୍ରାତୃ ବିୟୋଗ



କଟକ,୨୪।୩(ସମିସ): ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ପ୍ରଫେସର ଡା. ସତ୍ୟ ନାରାୟଣ ରାଉତରାୟଙ୍କ ଜ୍ୟୋଷ୍ଠ ଭ୍ରାତା ତଥା ପାରାଦ୍ୱୀପ ପୋର୍ଟର ପୂର୍ବତନ ଆର୍ଥିକ ପରାମର୍ଶଦାତା ରବି ନାରାୟଣ ରାଉତରାୟଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ ଓ ଦକ୍ଷ ପ୍ରଶାସକ ଭାବରେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପାର୍ଥିବ ଶରୀରକୁ ତାଙ୍କର ଜନ୍ମମାଟି ଯାଜପୁର ଜିଲ୍ଲାର ହୀରାପୁର ଗ୍ରାମକୁ ନିଆଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ଅନୀତା ରାଉତରାୟ, ପୁତ୍ରବଧୂ, ନାତି, ନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶଶ୍ମାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜୈଷ୍ଠ ପୁତ୍ର ହିମାଂଶୁ ଶେଖର ରାଉତରାୟ ମୁଖାଗ୍ନି ଦେଇଥିଲେ।

## କବିତାପାଠ, ଆଲୋଚନାଚକ୍ର ଓ ସମ୍ମାନ ପ୍ରଦାନ ଉତ୍ସବ



କଟକ,୨୪।୩(ସମିସ): 'କଳାବିଲା ସାଂସ୍କୃତିକ ପରିଷଦ' ପକ୍ଷରୁ ବୁଧବାର ଶତାବ୍ଦୀ ଭବନରେ କବିତାପାଠ, ଆଲୋଚନାଚକ୍ର ଓ ସମ୍ମାନ ପ୍ରଦାନ ଉତ୍ସବ କରାଯାଇଛି। ପ୍ରଥମେ କବିତା ପାଠୋତ୍ସବ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉଦ୍‌ଘାଟନ କରିଥିଲେ। ଏଥିରେ ବିଶିଷ୍ଟ କବି ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀ ମୁଖ୍ୟଅତିଥି, ବିଶିଷ୍ଟ କବି ଅମିୟ ରଞ୍ଜନ ମହାପାତ୍ର ବରେଣ୍ୟ ଅତିଥି ଓ ବିଶିଷ୍ଟ ଶିକ୍ଷାବିତ୍ ଅକ୍ରୂର ବିଶ୍ୱାଳ ସମ୍ମାନନୀୟ ଅତିଥି ରୂପେ ଯୋଗଦେଇଥିଲେ। ୫୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିବା ବେଳେ ସଂଯୋଜନା କରିଥିଲେ କବି ମନୋରଞ୍ଜନ ପଣ୍ଡା, ରଶ୍ମିତା ନାୟକ, ନମିତା ମହାନ୍ତି ଓ ସସ୍ମିତା ପଟ୍ଟନାୟକ। କବିମାନଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ 'ସଭ୍ୟ ସମାଜରେ ବିଜ୍ଞାନ ମାନସିକତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ମହିଳା ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷା ନମିତା ପଣ୍ଡା ପୌରୋହିତ୍ୟ କରିଥିବା ବେଳେ ଭୁବନେଶ୍ୱରସ୍ଥ ସି.ଭି. ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ ମୁଖ୍ୟଅତିଥି, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଅମିତ୍ ପ୍ରସାଦ ବୋଷ ବରେଣ୍ୟ ଅତିଥି ଓ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ଅଧିଷ୍ଠାତା ଏକାଡେମିକ୍ ଡ. ସଞ୍ଜୟ କୁମାର ପାତ୍ର ସମ୍ମାନନୀୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହଙ୍କୁ 'ଶ୍ରେଷ୍ଠ ଶିକ୍ଷକ (ଉଚ୍ଚଶିକ୍ଷା) ସମ୍ମାନ', ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କୁ 'ବିଶିଷ୍ଟ ବୈଜ୍ଞାନିକ ସମ୍ମାନ', ସଞ୍ଜୟ ପଟ୍ଟନାୟକଙ୍କୁ 'ଅଗ୍ରଣୀ ଉଦ୍ୟୋଗପତି ସମ୍ମାନ', ପ୍ରମୋଦ ପ୍ରସାଦ ନନ୍ଦଙ୍କୁ 'ସମ୍ବେଦନଶୀଳ ସମାଜସେବୀ ସମ୍ମାନ' ଓ ଡକ୍ଟର ଜ୍ଞାନରଞ୍ଜନ ପଣ୍ଡାଙ୍କୁ 'ଯୁବ ବୈଜ୍ଞାନିକ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. ଗୌରୀଶଙ୍କର ସାହୁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ଓ ସଂପାଦକ ଆଇନଜୀବୀ ସୌଭାଗ୍ୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଆବାହକ ଡାକ୍ତର ପ୍ରଦ୍ୟୋତ ତ୍ରିପାଠୀ, ପରିଚାଳନା ଟ୍ରଷ୍ଟି ବିପ୍ଳବ ସମ୍ବିତ୍ କୁମାର, ସଂଯୋଜକ ଆଇନଜୀବୀ ପ୍ରତାପ ସାହୁ, ସଦସ୍ୟ ଇଂ ହିମାଂଶୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜନଗଣନା ପାଇଁ ପର୍ଯ୍ୟବେକ୍ଷକଙ୍କ ତାଲିମ



କଟକ,୨୪।୩(ସମିସ): ଅଷ୍ଟମ ଜନଗଣନା କାର୍ଯ୍ୟକ୍ରମକୁ ସଫଳ, ସ୍ୱଚ୍ଛ, ତ୍ରୁଟିହୀନ ଭାବରେ ସମ୍ପାଦନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ନୋଡାଲ ଅଧିକାରୀଙ୍କ ପାଇଁ ବିଭିନ୍ନ ତହସିଲରେ ସୁସଙ୍ଗଠିତ ପ୍ରଶିକ୍ଷଣ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୧୯ ମାର୍ଚ୍ଚ ୨୦୨୬ରୁ ଆରମ୍ଭ ହୋଇ ବିଭିନ୍ନ ତାରିଖରେ ଓ ବ୍ୟାଚ୍ ଅନୁଯାୟୀ ବିଭିନ୍ନ ଅଞ୍ଚଳରେ କରାଯାଉଛି। ଆଜି ନିଶ୍ଚିନ୍ତକୋଇଲି, କିଶନନଗର, ତିଗିରିଆ, ନରସିଂହପୁର, କଣ୍ଟାପଡା, ବାରଙ୍ଗ, କଟକ ସଦର, ଡମପଡା ଅଞ୍ଚଳରେ ତହସିଲଦାରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଛି। ସୂଚନାଥାଉକି ପ୍ରତ୍ୟେକ ବ୍ୟାଚରେ ୪୫ରୁ ୫୦ ଜଣଙ୍କୁ ୩ ଦିନ ଲେଖାଏଁ ତାଲିମ୍ ପ୍ରଦାନ କରାଯାଉଛି।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି

କଟକ,୨୪।୩(ସମିସ): ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଓଡିଶା ଦିବସର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅପ୍ରେଲ ୧ ତାରିଖ ସନ୍ଧ୍ୟାରେ ନେତାଜୀ ସଂସ୍କୃତି ଭବନଠାରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତଥର ନେତାଜୀ ସଂସ୍କୃତି ଭବନ ପରିସରରେ ଓଡିଶା ନିର୍ମାଣ ଏବଂ ଓଡିଶାର ବରପୁତ୍ର ମାନଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯିବ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଓଡିଶା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତା କରାଯାଇ ଓଡିଶା ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ କୃତୀ ପ୍ରତିଯୋଗୀ ଚୟନ କରାଯିବ। ଆଜିର ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତି, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋକପାତ କରିଥିଲେ।

## ଜିଲ୍ଲା ଅବକାରୀ ବିଭାଗ ସ୍କାନର୍‌ରେ ନିଶା ମାଫିଆ

- ଚଳିତ ବର୍ଷ ୨୫୫୮ଟି ମାମଲା, ୧୭୬୯ ଜଣ ଗିରଫ
- ୨୦୨୪-୨୫ ବର୍ଷର ରେକର୍ଡ ଭାଙ୍ଗିଲା ଚଢ଼ଉ

କଟକ,୨୪।୩(ସମିସ): ରାଜ୍ୟର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକରେ ବେଆଇନ ମଦ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ଅବକାରୀ ବିଭାଗ ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ୨୦୨୫-୨୬ ଆର୍ଥିକ ବର୍ଷର ଫେବୃଆରୀ ମାସ ସୁଦ୍ଧା ହୋଇଥିବା ଏନଫୋର୍ସମେଣ୍ଟ ଚଢଉରୁ ଏକ ବିସ୍ତୃତ ତଥ୍ୟ ସାମ୍ନାକୁ ଆସିଛି। ଯେଉଁଠାରେ ବିଭାଗର ସଫଳତା ହାର ଗତ ବର୍ଷର ସମସ୍ତ ପରିସଂଖ୍ୟାନକୁ ପଛରେ ପକାଇ ଦେଇଛି। ବିଶେଷ କରି ସହର ଓ ଗ୍ରାମାଞ୍ଚଳରେ ନିଶା କାରବାରର ମେରୁଦଣ୍ଡ ଭାଙ୍ଗିବା ପାଇଁ ବିଭାଗ "ଶୂନ୍ୟସହନଶୀଳତା' ନୀତି ଆପଣାଇଥିବା ବେଳେ, ଏହି ଅପରେସନ କାଳରେ ମାଦକ ଦ୍ରବ୍ୟ ଜବତ ଓ ଅଭିଯୁକ୍ତଙ୍କ ଗିରଫଦାରୀ କ୍ଷେତ୍ରରେ ବିଭାଗକୁ ବଡ଼ ଧରଣର ସଫଳତା ମିଳିଛି। ୨୦୨୫ ଏପ୍ରିଲରୁ ୨୦୨୬ ଫେବୃଆରୀ ମଧ୍ୟରେ କଟକ ଅବକାରୀ ବିଭାଗ ସମୁଦାୟ ୨୫୫୮ଟି ମାମଲା ରୁଜୁ କରିଛି, ଯାହା ଗତବର୍ଷର ଏହି ସମୟ ଅବଧିର ୨୪୨୭ଟି ମାମଲା ତୁଳନାରେ ଯଥେଷ୍ଟ ଅଧିକ। ଏହି ବ୍ୟାପକ ଚଢ଼ଉ ଅଭିଯାନରେ ଫେବ୍ରୁଆରୀ ମାସ ପର୍ଯ୍ୟନ୍ତ ୧୭୬୯ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି, ଯାହା ପ୍ରଶାସନର କଡ଼ା ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି।

ନିଶାଦ୍ରବ୍ୟ କାରବାର ମଧ୍ୟରେ ବିଭାଗ ମୁଖ୍ୟତଃ ଗଞ୍ଜେଇ ଓ ହେରୋଇନ୍ ଭଳି ମାରାତ୍ମକ ନିଶା ଉପରେ ତୀକ୍ଷ୍ଣ ନଜର ରଖିଛି। ଚଳିତ ଆର୍ଥିକ ବର୍ଷରେ ହେରୋଇନ୍ ଚୋରା ଚାଲାଣ ରୋକିବା କ୍ଷେତ୍ରରେ ବିଭାଗର ସଫଳତା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଗତବର୍ଷ ୧୮ଟି ହେରୋଇନ୍ ମାମଲା ରୁଜୁ ହୋଇଥିବା ବେଳେ ଚଳିତ ବର୍ଷ ଏହା ୨୧କୁ ବୃଦ୍ଧି ପାଇଛି। ସେହିପରି ଗଞ୍ଜେଇ କାରବାର ସହ ଜଡ଼ିତ ୩୨ଟି ଗୁରୁତର ମାମଲା ରୁଜୁ ହେବା ସହ ନିଶା ମାଫିଆଙ୍କ ପ୍ରଭାବକୁ ହ୍ରାସ କରିବାରେ ବିଭାଗ ସମର୍ଥ ହୋଇଛି। କେବଳ ସେତିକି ନୁହେଁ, ସମାଜରେ ଘାତକ ସାଜିଥିବା ବେଆଇନ କଫ ସିରପ୍ ଓ ଅଫିମ କାରବାର ଉପରେ ମଧ୍ୟ କଡ଼ା ପ୍ରହରା ଦିଆଯାଇଛି। ରିପୋର୍ଟ ଅନୁସାରେ, ଫେବୃଆରୀ ୨୦୨୬ ମାସରେ ହିଁ ୩ଟି ଅଫିମ ଚାଷ ସମ୍ପର୍କିତ ମାମଲା ରୁଜୁ ହେବା ସହ ୫୬ ଜଣ ଫେରାର ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ନକଲି ବିଦେଶୀ ମଦ ଏବଂ ଶୁଳ୍କ ଫାଙ୍କି ଚାଲାଣ ହେଉଥିବା ଦେଶୀ ମଦ କାରବାର ବିରୋଧରେ ଗୁଇନ୍ଦା ସୂଚନା ଆଧାରରେ "ଗ୍ରାଉଣ୍ଡ ଜିରୋ'ରେ ଜୋରଦାର ଚଢ଼ଉ ଜାରି ରହିଛି।

ବେଆଇନ ନିଶା ବ୍ୟବସାୟର ମୂଳୋତ୍ପାଟନ ପାଇଁ ପ୍ରଶାସନିକସ୍ତରରେ ଜୋରଦାର ଉଦ୍ୟମ ଜାରି ରହିଛି। ଗତବର୍ଷ ତୁଳନାରେ ଚଳିତ ବର୍ଷର ବ୍ୟାପକ ଚଢ଼ଉ ଓ ତ୍ୱରିତ ଗିରଫଦାରୀ ନିଶା ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଆଗାମୀ ଦିନରେ ଏହି ଏନଫୋର୍ସମେଣ୍ଟ ଅଭିଯାନକୁ ଆହୁରି ଜୋରଦାର କରାଯିବ ଏବଂ ହଟ୍‌ସ୍ପଟ୍ ଅଞ୍ଚଳଗୁଡ଼ିକରେ ହାଇ-ଟେକ୍ ସର୍ଭେଲାନ୍ସ ମାଧ୍ୟମରେ ନଜର ରଖାଯିବ, ଯେପରି କଟକ ଜିଲ୍ଲାକୁ ସମ୍ପୂର୍ଣ୍ଣ ଭାବେ ନିଶାମୁକ୍ତ କରାଯାଇପାରିବ ବୋଲି କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ କହିଛନ୍ତି।

## କଟକରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

କଟକ,୨୪।୩(ସମିସ): "ସଭିଙ୍କର ରଖେ ଧ୍ୟାନ-ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ' ସ୍ଲୋଗାନ ସହ କଟକ ଜିଲ୍ଲାରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ "ଯକ୍ଷ୍ମା ମୁକ୍ତ ଭାରତ - ୧୦୦ ଦିନିଆ ଅଭିଯାନ ୨.୦'ର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାରୁ ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ନିର୍ମୂଳ କରିବା ଲକ୍ଷ୍ୟରେ ଏକ ସଚେତନତା ଯାନ ମାଧ୍ୟମରେ ରୋଡ୍-ଶୋ'ର ଉଦ୍‌ଘାଟନ କରିଥିଲେ। ଏହି ଅଭିଯାନ ଅଧୀନରେ ଜିଲ୍ଲାର ସମ୍ବେଦନଶୀଳ ଗ୍ରାମ, ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳଗୁଡ଼ିକରେ ବ୍ୟାପକ ଏକ୍ସ-ରେ ସ୍କ୍ରିନିଂ କରାଯିବ। ପ୍ରତ୍ୟେକ ଯକ୍ଷ୍ମା ରୋଗୀଙ୍କୁ "ନିକ୍ଷୟ ପୋଷଣ ଯୋଜନା'ରେ ଚିକିତ୍ସା ଅବଧି ମଧ୍ୟରେ ପ୍ରତିମାସରେ ୧୦୦୦ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏଥିସହ ଯକ୍ଷ୍ମା ନିଦାନ ସହିତ ମଧୁମେହ ଓ ହିମୋଗ୍ଲୋବିନ୍ ପରୀକ୍ଷା ମଧ୍ୟ କରାଯିବ। ନେତାଜୀ ସଂସ୍କୃତି ଭବନଠାରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯକ୍ଷ୍ମା ଯୋଦ୍ଧା, ନିକ୍ଷୟମିତ୍ର ଓ ଆଶା କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଡାକ୍ତର ଅଶୋକ ଦାସ, ଡାକ୍ତର ଲୋକନାଥ ପାତ୍ର, ଡାକ୍ତର ଗଗନ ବିହାରୀ ପତି ଓ ଡାକ୍ତର ଦୀପା ପଟ୍ଟନାୟକଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକ ଚିକିତ୍ସା ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜିକା ବିଦ୍ୟୁତପ୍ରଭା ରାୟ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ପରିଚାଳନା କରିଥିଲେ।

## ସେଣ୍ଟ ଜାଭିୟର ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ




କଟକ,୨୪।୩(ସମିସ): କଟକର ମିଶନ୍ ରୋଡ୍ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ଆଜି ଏକ ଆନ୍ତଃ ସ୍କୁଲ ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ସଫଳତାର ସହ ଆୟୋଜିତ ହୋଇଛି। 'ନବଦୃଷ୍ଟି - ଦ ଭିଜନ୍ ଅଫ୍ ଟାଲେଣ୍ଟ' ନାମକ ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ନବୀନ ଚିନ୍ତାଧାରା ଓ ସୃଜନଶୀଳତାର ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ସେଣ୍ଟ ଜାଭିଅର ଗ୍ରୁପ୍ ଅଫ୍ ଏଜୁକେଶନାଲ ଟ୍ରଷ୍ଟ ଅଧ୍ୟକ୍ଷ ଡା. ପ୍ରଭୁ ଚରଣ ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି, ସହକାରୀ ନିର୍ଦ୍ଦେଶିକା ଆୟେଶା ଦାସ ଓ ସହକାରୀ ନିର୍ଦ୍ଦେଶକ ସମର୍ଥ ମହାନ୍ତି ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୂପା ମିଶ୍ରଙ୍କ ନେତୃତ୍ୱରେ ଶ୍ରେଣୀ ୩ରୁ ୧୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ଷମ ମଡେଲ୍, ପ୍ରୟୋଗାତ୍ମକ ପ୍ରଦର୍ଶନ ଓ ନୂତନ ଆବିଷ୍କାରମୂଳକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀରେ ପୁର୍ନନବୀକରଣ ଶକ୍ତି, ରୋବୋଟିକ୍ସ, ପରିବେଶ ସୁରକ୍ଷା, ଅନ୍ତରିକ୍ଷ ଅନୁସନ୍ଧାନ ସହିତ

### ବିଜେତାଙ୍କୁ ମିଳିଲା ପୁରସ୍କାର ରାଶି

ଗଣିତର ବିଭିନ୍ନ ସିଦ୍ଧାନ୍ତ ଓ ଐତିହ୍ୟ ଭିତ୍ତିକ ମଡେଲ୍ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀରେ ପ୍ରଫେସର ରାମଚନ୍ଦ୍ର ଦେଓ ଓ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପୂର୍ବତନ ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଶତପଥୀ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। ବିଜେତାଙ୍କୁ ନଗଦ ପୁରସ୍କାର ରୂପେ ୩୦୦୦ ଟଙ୍କା, ପ୍ରଥମ ରନସ୍ର୍-ଅପ୍‌କୁ ୨୦୦୦ ଟଙ୍କା ଓ ଦ୍ୱିତୀୟ ରନସ୍ର୍-ଅପ୍‌କୁ ୧୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ଭୁବନେଶ୍ୱର ଓ କଟକର ବିଭିନ୍ନ ସ୍କୁଲର ପ୍ରାୟ ୧୦୦ ଜଣ ଛାତ୍ର ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ୟଙ୍ଗ୍ ଉତ୍କଳ ଫୁଟବଲ୍ ଧମାକା ଟୁର୍ଣ୍ଣାମେଣ୍ଟ: ସେମିରେ କୁରାଙ୍ଗ



କଟକ,୨୪।୩(ସମିସ): ୟଙ୍ଗ୍ ଉତ୍କଳ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା "ୟଙ୍ଗ୍ ଉତ୍କଳ ଫୁଟବଲ୍ ଧମାକା' ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଭୁବନେଶ୍ୱରର କୁରାଙ୍ଗ ଫୁଟବଲ୍ କ୍ଲବ୍ ୩-୦ ଗୋଲ୍‌ରେ କଟକର ସାଇରାମ ମର୍ଣ୍ଣିଂ କ୍ଲବ୍‌କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି। କୁରାଙ୍ଗ ଦଳ ପକ୍ଷରୁ ଚମତ୍କାର ପ୍ରଦର୍ଶନ କରିଥିବା ଖେଳାଳି ଏସ.କେ ଫରିଦଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟ ରେଫରି ଭାବେ ବ୍ରହ୍ମାନନ୍ଦ ଭୋଇ ପରିଚାଳନା କରିଥିବା ବେଳେ ଏସ.କେ ହାୟତ ଓ ରାମଚନ୍ଦ୍ର ମୁର୍ମୁ ଲାଇନ୍‌ମ୍ୟାନ୍ ଭାବେ ତାଙ୍କୁ ସହାୟତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶ୍ୱରଞ୍ଜନ ଘଡ଼େଇ ଏବଂ ସମ୍ମାନିତ ଅତିଥି ଭାବେ ଗୋପାଳ ବେହେରା ଯୋଗଦେଇଥିଲେ। ବରିଷ୍ଠ ଖେଳାଳି ତଥା ମୁଖ୍ୟ କୋଚ୍ ଜନାର୍ଦ୍ଦନ ଜେନା, ସୁରେନ୍ଦ୍ର ସାହୁ, କ୍ଲବ୍ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦୀପ ମହାନ୍ତି, କୈଳାଶ ଚନ୍ଦ୍ର ସାହୁ, ମନୋରଞ୍ଜନ ସାହୁ, ଶେଷଦେବ ବେହେରା, କାହ୍ନୁଚରଣ ସାହୁ, ରାକେଶ ସେଠୀ ଓ ରାଜୀବ ନାୟକ ପ୍ରମୁଖ ସହଯୋଗ କରିଥିଲେ।

